Bhubaneswar- 15 July 2026
ଭୁବନେଶ୍ୱର- ୧୫ ଜୁଲାଇ ୨୦୨୬
Vol- 1 Issue - 78
ଭାଗ- ୧ ସଂଖ୍ୟା- ୭୮
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ପାଠ୍ୟ ପୁସ୍ତକ ତ୍ରୁଟି ପ୍ରସଙ୍ଗ

# ଏସସିଇଆରଟି ପୂର୍ବତନ ନିର୍ଦ୍ଦେଶକ ଗିରଫ

- ମନୋଜ ପାଢ଼ୀଙ୍କୁ ବାନ୍ଧିଲା କ୍ରାଇମବ୍ରାଞ୍ଚ
- ପ୍ରସ୍ତୁତି ଓ ପ୍ରକାଶନ ପ୍ରକ୍ରିୟାରେ କରିଥିଲେ ଗୁରୁତର ଅବହେଳା
- ପାଢ଼ୀଙ୍କ ସମେତ ଚାରିଜଣ ଅଧିକାରୀ ହୋଇଥିଲେ ନିଲମ୍ବିତ

**କଟକ:** ରାଜ୍ୟର ସ୍କୁଲ ପାଠ୍ୟପୁସ୍ତକରେ ମିଳିଥିବା ଶହ ଶହ ତଥ୍ୟଗତ, ବ୍ୟାକରଣଗତ ଓ ମୁଦ୍ରଣ ତ୍ରୁଟିକୁ ନେଇ ସାରା ଓଡ଼ିଶାରେ ଯେଉଁ ବିବାଦ ସୃଷ୍ଟି ହୋଇଥିଲା, ତାହା ଏବେ ନୂଆ ମୋଡ଼ ନେଇଛି। ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପରେ ଏବେ ଅପରାଧିକ ତଦନ୍ତ ମଧ ଜୋରଦାର ହୋଇଛି। ଏହି ମାମଲାରେ ଏସସିଇଆରଟି ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ପ୍ରଥମେ ଏକ ଉଚ୍ଚସ୍ତରୀୟ କମିଟି ତଦନ୍ତ କରି ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ପ୍ରକାଶନ ପ୍ରକ୍ରିୟାରେ ଗୁରୁତର ଅବହେଳା ଥିବା ଦର୍ଶାଯାଇଥିଲା। ଏହାପରେ ମନୋଜ ପାଢ଼ୀଙ୍କ ସମେତ ଚାରିଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ଅନ୍ୟ କିଛି ଅଧିକାରୀଙ୍କ ବିରୋଧରେ ବିଭାଗୀୟ

କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ତଦନ୍ତରେ ପ୍ରାୟ ୧,୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା କୁହାଯାଇଥିଲା। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତର ସହ ନେଇ କେବଳ ବିଭାଗୀୟ ନୁହେଁ, ଅପରାଧିକ ଦୃଷ୍ଟିକୋଣରୁ ମଧ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଝଉରଜଞ୍ଚ ପକ୍ଷରୁ ଏତଲା ଦାଖଲ ହୋଇଥିଲା ଏବଂ ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚର ଡ଼ିଏସପି ନରେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ପାଠ୍ୟପୁସ୍ତକ ପ୍ରସ୍ତୁତି, ଯାଞ୍ଚ, ଅନୁମୋଦନ, ମୁଦ୍ରଣ ଓ ପ୍ରକାଶନର ସମଗ୍ର ପ୍ରକ୍ରିୟାର ଖୋଳତାଡ଼ କରୁଛି। ଏହି କ୍ରମରେ ମନୋଜ ପାଢ଼ୀଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରାଯାଇଥିଲା। ପରେ ପର୍ଯ୍ୟାପ୍ତ ତଥ୍ୟ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ପାଠ୍ୟପୁସ୍ତକରେ ବିଜ୍ଞାନ, ଇତିହାସ, ଭୂଗୋଳ, ଭାଷା ଓ ଚିତ୍ର ସମ୍ବନ୍ଧୀୟ ଅନେକ ଗୁରୁତର ଭୁଲ ସାମ୍ନାକୁ ଆସିବା ପରେ ସରକାର ଓ ଏସସିଇଆରଟି ବ୍ୟାପକ ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଏହି ମାମଲାରେ କେବଳ ଅବହେଳା ନା ଏହା ପଛରେ କୌଣସି ଷଡ଼ଯନ୍ତ୍ର ରହିଛି, ସେନେଇ ମଧ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

# ରାଜ୍ୟ କ୍ୟାବିନେଟରେ ୧୩ ପ୍ରସ୍ତାବକୁ ମଞ୍ଜୁରୀ

- 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା' ଅବଧି ୫ ବର୍ଷ ବଢ଼ିଲା
- 'ସେତୁ ବନ୍ଧ ଯୋଜନା' ଅବଧି ମଧ ବୃଦ୍ଧି
- ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ବଡ ନିଷ୍ପତ୍ତି

**ଭୁବନେଶ୍ୱର :** ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟର ୪୪ ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ବିଭାଗର ୧୩ଟି ପ୍ରସ୍ତାବ ଉପରେ ମୋହର ଲାଗିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି।ଜଳ ସମ୍ପଦ ବିଭାଗର ୧ଟି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧ଟି, ସମବାୟ ୧ଟି, କୃଷି ଓ କୃଷକ ସଶକ୍ତି କରଣ ୧, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ୧, ରାଜସ୍ୱ ୧ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭ଟି ଏହିପରି ମୋଟ ୭ଟି ବିଭାଗର ମୋଟ ୧୩ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ସର୍ବାଧିକ ୭ଟି ପ୍ରସ୍ତାବ ପାରିତ ହୋଇଛି । ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଆନ୍ତଃରାଜ୍ୟ,ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ କରାଯାଉଛି। ଏହି ଯୋଜନା ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହି ଯୋଜନା କାର୍ଯ୍ୟକାରି କରିବା ପାଇଁ ୧୯୧୭ କୋଟି ଟଙ୍କା ବ୍ୟୟବରାଦରେ ୩୮୫୦ କି.ମି ନୂତନ ରାସ୍ତା ତଥା ସେତୁ ନିର୍ମାଣ ଏବଂ ଚାଲୁ ରହିଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅନୁମୋଦିତ ହୋଇଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଗ୍ରାମ୍ୟ ଉନ୍ନୟନ ଅଧୀନସ୍ଥ ରାସ୍ତାଗୁଡ଼ିକର ଉନ୍ନତିକରଣ ଯୋଜନା ପ୍ରଣୟନ କରିଛନ୍ତି। ଗ୍ରାମାଞ୍ଚଳରେ ଥିବା ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ, ମୁଖ୍ୟ ବଜାର , ପର୍ଯ୍ୟଟନସ୍ଥଳ ପ୍ରମୁଖକୁ ସଡକ ସୁବିଧା ଯୋଗାଇବା ଏହି ଯୋ ଜନାର ମୂଳ ଲକ୍ଷ୍ୟ ରହିଛି। ଏହି ଯୋଜନାରେ ୫ ବର୍ଷ କାର୍ଯ୍ୟକାରୀ କରିବା ପାଇଁ ୫୭୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରାୟ ୧୭୫୦୦ କିମି ନୂତନ ରାସ୍ତା ନିର୍ମାଣ କରିବା ପାଇଁ ଅନୁମୋଦିତ କରାଯାଇଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ହସ୍ତାନ୍ତରିତ ହୋଇଥିବା ରାସ୍ତାଗୁଡିକର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ମଧ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଚାଲୁ ରହିଥିବା ୧୧୫ କିମି ସଡକ ପ୍ରକଳ୍ପ ସମାପ୍ତ କରିବା ସହିତ ପ୍ରାୟ ୪୬୦୭.୨୧ କିମି ଦୈର୍ଘ୍ୟର ନୂତନ ସଡକ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ଯୋଜନାରେ ଆଗାମୀ ୫ ବର୍ଷ ପାଇଁ ୪୦୦୦ କୋଟିର ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ବ୍ରିଜ କମ୍ ୱେୟାର ଯୋଜନା ଆରମ୍ଭ କରାଯାଇଛି। ନଦୀଗର୍ଭ ଏବଂ ସେତୁର ଉପର ମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ କରି ଜଳ ଯୋଗାଣ କରାଯିବ। ଏହି ଯୋଜନାର ୫ ବର୍ଷର ଅବଧି ପାଇଁ ମୋଟ ୬୦୦ କୋଟିର ବ୍ୟୟବରାଦ କରାଯାଇଛି। ଏହା ସହ ୫୦୮ଟି ନୂତନ ପ୍ରକଳ୍ପର ନିର୍ମାଣ ଓ ୧୬୨ ଟି ଅଧୁରା ପ୍ରକଳ୍ପ ସମ୍ପୂର୍ଣ କରିବା ପାଇ ଅନୁମୋଦନ କରିଛନ୍ତି। ସେତୁ ବନ୍ଧନ ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଏଥିରେ ବର୍ତ୍ତମାନ ୧୪୧୭ ଚାଲୁ ରହିଥିବା ସେତୁ ସମ୍ପୂର୍ଣ୍ଣ କରିବା ସହିତ ୧୭୫୦ ନୂତନ ସେତୁ ହାତକୁ ନେବା ପାଇଁ ୧୧,୮୦୦ କୋଟି ମଞ୍ଜୁରୀ ଦେଇଛନ୍ତି। ସେହିପରି ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସଡକ ସଂଯୋଗୀକରଣ ପାଇଁ ରାଜ୍ୟ ସରକାର ଏମଏମଏସୱାଇ ଦୁର୍ଗମ ଅଞ୍ଚଳରେ ଅସଂଯୋଗିତ ଗ୍ରାମଗୁଡିକର ସଂଯୋଗୀକରଣ ଯୋଜନା ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୧୩୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ମଞ୍ଜୁରୀ ପ୍ରଦାନ କରିଛନ୍ତି।

## ଦିନ ଦ୍ୱିପହରରେ ସଶସ୍ତ୍ର ଡକାୟତି ଉଦ୍ୟମ

- ବନ୍ଧୁକ ମୁନରେ ଭୟଭୀତ କଲେ
- ଗ୍ରାମବାସୀଙ୍କ ହାତରେ ୫ ଦୁର୍ବୃତ୍ତ କାବୁ

**କଳାହାଣ୍ଡି:** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବାଙ୍କିମୁଣ୍ଡା ଗ୍ରାମରେ ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଏକ ସାଂଘାତିକ ସଶସ୍ତ୍ର ଡକାୟତି ଉଦ୍ୟମ ବିଫଳ ହୋଇଛି। ଗ୍ରାମବାସୀଙ୍କ ସାହସିକତା ଯୋଗୁ ୫ ଜଣ ଦୁର୍ବୃତ୍ତ କାବୁ ହୋଇଥିବା ବେଳେ ପୋଲିସ ସେମାନଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ଆଜି ଅପରାହ୍ନରେ ବାଙ୍କିମୁଣ୍ଡା ଗ୍ରାମର ପ୍ରଶାନ୍ତ ତିୱାରୀଙ୍କ ଘରକୁ ଦୁଇଟି ବାଇକ୍‌ରେ ୫ ଜଣ ସଶସ୍ତ୍ର ଦୁର୍ବୃତ୍ତ ଆସିଥିଲେ। ସେମାନେ ଜବରଦସ୍ତ ଘରେ ପଶି ପ୍ରଶାନ୍ତଙ୍କ ଭାଇବୋହୂଙ୍କ ଛାତିରେ ବନ୍ଧୁକ ଲଗାଇ ସମସ୍ତ ସୁନା ଗହଣା ଦେବାକୁ ଧମକ ଦେଇଥିଲେ। ଭାଇବୋହୂ ଓ ତାଙ୍କ ଛୋଟ ଝିଅର ଚିତ୍କାର ଶୁଣି ପ୍ରଶାନ୍ତ ସେଠାକୁ ଧାଇଁ ଆସିବାରୁ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡରେ ମଧ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାକୁ ଭୟ ଦେଖାଇଥିଲେ। ତେବେ ଏହି ସମୟରେ ଭାଇବୋହୂ ଜଣକ କୌଣସି ପ୍ରକାରେ କୌଶଳ କରି ଘର ବାହାରକୁ ଚାଲିଆସିଥିଲେ ଏବଂ ଫୋନ୍ ଯୋଗେ ଅନ୍ୟମାନଙ୍କୁ ସୂଚନା ଦେଇଥିଲେ। ଖବର ପାଇ ତୁରନ୍ତ ଗ୍ରାମବାସୀମାନେ ଏକାଠି ହୋଇ ଘରକୁ ଘେରିଯାଇଥିଲେ ଏବଂ ୫ ଜଣ ଡକାୟତଙ୍କୁ ସାହସର ସହ କାବୁ କରି ରଖିଥିଲେ। ଏହାପରେ କୋକସରା ଥାନା ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ତୁରନ୍ତ

ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ଜିମାରୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ କୋକସରା ଥାନାରେ କେସ୍ ନମ୍ବର ୧୫୫/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ଛାନଭିନ ଜାରି ରହିଛି। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଗିରଫ ହୋଇଥିବା ଦୁର୍ବୃତ୍ତମାନେ କୋକସରା, ଆମପାଣି ଓ ଧର୍ମଗଡ଼ ଥାନା ଅଞ୍ଚଳର ଏବଂ ସେମାନେ ପୂର୍ବରୁ ମଧ ଅନେକ ଡକାୟତି ମାମଲାରେ ସଂପୃକ୍ତ ଅଛନ୍ତି। ଏହି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୫ ଜୁଲାଇରୁ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଆବେଦନ

**ଭୁବନେଶ୍ୱର:** ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଆବେଦନ ତାରିଖ ଘୋଷଣା। ଏଥିପାଇଁ ଆବେଦନ ପ୍ରକ୍ରିୟା ଆସନ୍ତା ୧୫ ଜୁଲାଇରୁ ଆରମ୍ଭ ହୋଇ ୧୪ ଅଗଷ୍ଟ ପର୍ଯ୍ୟନ୍ତ ଜାରି ରହିବ। ବରିଷ୍ଠ ନାଗରିକମାନଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ଓ ତୀର୍ଥଯାତ୍ରାର ଅଭିଳାଷକୁ ପୂରଣ କରିବା ଲକ୍ଷ୍ୟରେ ସରକାର ଏହି ପଦକ୍ଷେପ ନେଇଛନ୍ତି। ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭' ର ମାର୍ଗଦର୍ଶିକା ଉନ୍ମୋଚନ କରିଛନ୍ତି।ଓଡ଼ିଶା ଟୁରିଜିମ୍ ଏବଂ ଓଜଉଞ୍ଚଉର ସହଯୋଗରେ ଚଳିତ ବର୍ଷ ବରିଷ୍ଠ ନାଗରିକମାନଙ୍କୁ ବାରାଣସୀ-ଅଯୋଧ୍ୟା, ରାମେଶ୍ୱରମ୍-ମଦୁରାଇ ଏବଂ ହରିଦ୍ୱାର-ଋଷିକେଶ ଭଳି ପବିତ୍ର ତୀର୍ଥସ୍ଥଳୀ ଭ୍ରମଣର ସୁଯୋଗ ପ୍ରଦାନ କରାଯିବ। ଯାତ୍ରା ସମୟରେ ପରିବହନ, ରହଣି, ଖାଦ୍ୟପେୟ, ଯାତ୍ରୀ ବୀମା ଓ ଚିକିତ୍ସା ଆଦି ବ୍ୟବସ୍ଥା କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୪୫,୫୫୫ ରୁ ଅଧିକ ବରିଷ୍ଠ ନାଗରିକ ଏହି 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଲାଭ ଉଠାଇ ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳୀ ଦର୍ଶନ କରିସାରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆସନ୍ତା ୧୫ ଜୁଲାଇ ୨୦୨୬ ରୁ ୧୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଖୋଲା ରହିବ। ଯୋଗ୍ୟ ବରିଷ୍ଠ ନାଗରିକମାନେ ୱେବସାଇଟ୍ ମାଧ୍ୟମରେ ଅନଲାଇନରେ କିମ୍ବା ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ଅଫଲାଇନ୍ ମୋଡ୍ ମାଧ୍ୟମରେ ସେମାନଙ୍କର ଆବେଦନ ପତ୍ର ଦାଖଲ କରିପାରିବେ। ଏହି ମାର୍ଗଦର୍ଶିକାରେ ଯୋଜନାର ଯୋଗ୍ୟତା ମାପଦଣ୍ଡ, ଆବେଦନ ପ୍ରକ୍ରିୟା, ଚୟନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି।

## କୋଭିଡର ଗୁଜବ କିମ୍ବା ଅପପ୍ରଚାରରେ ବିଶ୍ୱାସ କରନ୍ତୁନାହିଁ: ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର:** ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ କୋରୋନାର ନୂତନ ଭୂତାଣୁ ସଂକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ଓ ୭ ଜଣ ଅସୁସ୍ଥ ହୋଇଥିବା କଥା ଜଣାପଡ଼ିବା ପରେ ଓଡ଼ିଶାର ସୀମାନ୍ତ ଗଞ୍ଜାମ, ଗଜପତି, ରାୟଗଡ଼ା ଆଦି ଜିଲ୍ଲାରେ ସତର୍କତାମୂଳକ ପଦକ୍ଷେପ ନିଆଯାଇଥିଲା। ତେବେ ଏହାପରେ ସଂକ୍ରମଣକୁ ନେଇ ବିଭିନ୍ନ ଗୁଜବ ପ୍ରସାରିତ ହେଉଛି। ଏଭଳି ଗୁଜବ କିମ୍ବା ଅପପ୍ରଚାରକୁ ବିଶ୍ୱାସ ନକରି ସଚେତନ ରହିବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକ ପରେ ବିଭାଗ ପକ୍ଷରୁ ଜାରି ପ୍ରେସ୍‌ବାର୍ତ୍ତାରେ ସେ କହିଛନ୍ତି, ବର୍ତ୍ତମାନ ଏ ବାବଦରେ କୌଣସି ବ୍ୟସ୍ତ ହୁଅନ୍ତୁନାହିଁ । ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି ।

## ଜେଲରୁ ମୁକୁଳିବେ ଦାରା ସିଂ

### ଅଗଷ୍ଟ ୧୫ ତାରିଖ ସୁଦ୍ଧା ମୁକ୍ତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର:** ଜେଲରୁ ମକୁଳିବେ ଦାରା ସିଂ। ୨୬ ବର୍ଷ ପରେ କାରାଗାରରୁ ବାହାରିବେ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ୍। ଅଗଷ୍ଟ ୧୫ ସୁଦ୍ଧା ତାଙ୍କୁ ଜେଲରୁ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଯଦି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରାଯାଏ ତେବେ ୧୯ ତାରିଖରେ ପୁଣି ଥରେ ଶୁଣାଣି ହେବ। ସୂଚନା ଅନୁଯାୟୀ, ୨୦୨୬ ମସିହା ଜୁଲାଇ ୬ ତାରିଖରେ ଷ୍ଟେଟ ରିଭ୍ୟୁ ବୋର୍ଡରେ କଏଦୀଙ୍କୁ ଛାଡ଼ିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।ଏହାକୁ ନେଇ ଦାରା ସେନା ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ଦାରା ସେନା ପକ୍ଷରୁ ପକ୍ଷ ରଖିଥିଲେ ଆଇନଜୀବନ ଏପି ସିଂହ । ସମସ୍ତ ପକ୍ଷକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲଙ୍କୁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା ମାମଲରେ କିଛି ଟେକ୍ନିକାଲ ପଏଣ୍ଟ ରହିଥିବାରୁ ସମସ୍ୟା ସୃଷ୍ଟି ହେଉଛି । ଯେହେତୁ ଦାରା ସିଂହ ଉତ୍ତର ପ୍ରଦେଶର ବାସିନ୍ଦା ତେଣୁ ଭେରିଫିକେସନ ପାଇଁ ଅସୁବିଧା ରହିଛି । ଯଦି ଅଗଷ୍ଟ ୧୫ ସୁଦ୍ଧା ନ ଛାଡ଼ନ୍ତି, ତାହେଲେ ଅଗଷ୍ଟ ୧୯ରେ ପୁଣି ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ସେପଟେ ଦାରା ସିଂହଙ୍କୁ ଜେଲରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ମିଳିବା ପରେ ଦାରା ସେନା ପକ୍ଷରୁ ସୁପ୍ରିମକୋର୍ଟ, ଓକିଲ ଏପି ସିଂହ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲାର ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳିଦେବା ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ୨୬ ବର୍ଷ ହେଲା ଦାରା ସିଂହ ଜେଲରେ ସଜା କାଟୁଛନ୍ତି ଦାରା ସିଂ।

### ଦିନକ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା

# ପ୍ରଭା ସଂସ୍ଥାପନ କାର୍ଯ୍ୟ ଶେଷ

### ଦରଜୀ ସେବକଙ୍କ କନା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ

### କୋଠ ସୁଆଁସିଆ ସେବକ ତିନିରଥର ୧୨ ଗୋଟି ଦୁଆର ବେଢାରେ କନା ପକା କାର୍ଯ୍ୟ ଶେଷ

**ପୁରୀ:** ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନବେଦିରୁ ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ରଥାରୁଢ ହୋଇ ବଡଦାଣ୍ଡରେ ଘରଘର ନାଦ କରି ରଥ ଗଡିବ। ଏଥିପାଇଁ ବଡଦାଣ୍ଡ ସ୍ଥିତ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳା ଚଳଚଞ୍ଚଳ ହୋଇଉଠିଛି। ରଥ ନିର୍ମାଣକାରୀ ସେବକ ମାନେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ କରୁଛନ୍ତି। ଦିନକ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଛି। ସଜେଇ ହେଲାଣି ଶ୍ରୀମନ୍ଦିର ସମେତ ଶ୍ରୀଗୁଣ୍ଡିଚା ମନ୍ଦିର। ଝଲସିତ ହେଲାଣି ଶ୍ରୀକ୍ଷେତ୍ର। କୋଠ ସୁଆଁସିଆଙ୍କ ସେବକ ତିନିରଥର ୧୨ଗୋଟି ଦୁଆରବେଢାର କନାପକା କାର୍ଯ୍ୟ ଶେଷ କରିଛନ୍ତି । ମଙ୍ଗଳବାର ରଥ ନିର୍ମାଣର ୮୫ ତମ ଦିବସରେ ରଥ ନିର୍ମାଣକାରୀ ସେବକ ମାନେ ରଥ ଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ସୁଦ୍ଧା ତିନିରଥରେ ଠେକେରା ବାଡ଼ ବୁଲିବା ସହ ତିନିରଥର କନକ ମଣ୍ଡିରେ ପିତଳ ଚଦର ସଜ ଆବରଣ ସଂସ୍ଥାପନ ସହ ତିନିରଥରେ କାନା ପକା କାର୍ଯ୍ୟ ଆରମ୍ଭ ହୋଇଥିଲା। ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକଙ୍କ ସହଯୋଗରେ ତିନିରଥରେ ତିନିରଥର ପ୍ରଭା ଗୁଡିକୁ ଭୋଇ ସେବକଙ୍କ ସହାୟତାରେ ରଥ ଉପରକୁ ଉଠିବା ପରେ ମହାରଣା ସେବକ ଏବଂ ଭୋଇ ସେବକ ମାନେ ମିଶି ରଥ ପଶ୍ଚାତ୍ ଭାଗ ଚାରି ନାହାକାରେ ଲାଗିଥିବା ଦୁଇ ଧୂଳିଦଣ୍ଡା ରେ ସଂସ୍ଥାପିତ କରାଯାଇ କଣ୍ଟା ବସା କାର୍ଯ୍ୟ ଶେଷ ହୋଇଛି। ଦରଜୀ ସେବକ ମାନେ ତିନିରଥର କନା କାର୍ଯ୍ୟ ଶେଷ କରି ରଥ ଉପରେ କନା ପଡ଼ିବା ପାଇଁ ଯୋଡଣି କାର୍ଯ୍ୟ ଶେଷ କରିଛନ୍ତି । ଦରଜୀ ସେବକ ମାନେ ପ୍ରଥମ ପର୍ଯ୍ୟାୟରେ ତିନିରଥର ଚନ୍ଦ୍ରଶାଳୀ ଏବଂ ଦୁଆର ବେଢ଼ାରେ କନା ପକା କାର୍ଯ୍ୟ ପାଇଁ କୋଠ ସୁଆଁସିଆ ସେବକ ମାନଙ୍କୁ ଯୋଗାଇ ଦେଇ ତିନିରଥର ଚକା, ଏବଂ ଅପସର କାର୍ଯ୍ୟ ଶେଷ କରି ତିନିରଥର ଉଡ଼ା ଚାନ୍ଦୁଆ ଏବଂ କନକ ମୁଣ୍ଡି ଚାନ୍ଦୁଆ କାର୍ଯ୍ୟ ଜାରୀ ରଖିଛନ୍ତି। ଆଜି କୋଠ ସୁଆଁସିଆ ସେବକ ତିନି ରଥର ୧୨ ଗୋଟି ଦୁଆର ବେଢାରେ କନା ପକା କାର୍ଯ୍ୟ ଶେଷ କରିଛନ୍ତି । ଚିତ୍ରକାର ସେବକ ମାନେ ତିନିରଥର ବାହ୍ୟ ଅଂଶ ଗୁଡିକରେ ରଙ୍ଗ କାର୍ଯ୍ୟର ଶେଷ ସ୍ପର୍ଶ ଦେବା ସହ ତିନି ରଥର ଘୋଡ଼ା ମାନଙ୍କର ରଙ୍ଗ କାର୍ଯ୍ୟ ଶେଷ କରି ସାରଥିଙ୍କ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ତିନିରଥର ମହାରଣା ସେବକ ୭୮ ଜଣ, ଭୋଇ ସେବକ ୭୬ ଜଣ, କରତୀ ସେବକ ୪ଜଣ , ତିନିରଥ ରୂପକାର ସେବକ ୨୧ଜଣ, ତିନିରଥ ଓଝା କମାର ସେବକ ୨୦ଜଣ ,ତୁମ୍ବ ବିନ୍ଧ କାରିଗର ୨ଜଣ ,ପାହି ମହାରଣା ୨ଜଣ ,ଚିତ୍ରକାର ୪୦ଜଣ ଓ ରଥଖଳା ସହାୟକ ୧ଜଣ ମୋଟ ୨୪୪ ଜଣ ସେବକ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟରେ ନିଷ୍ଠା ଶ୍ରଦ୍ଧା ଓ ଭକ୍ତିର ସହ ନିମଗ୍ନ ରହିଛନ୍ତି ।

## ଶ୍ରୀଜିଉଙ୍କ ନବଯୌବନ ଦର୍ଶନ କଲେ ଭକ୍ତ

ନବଯୌବନ ଓ ନେତ୍ରୋତ୍ସବ ଦର୍ଶନ ପାଇଁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ର ହୋଇ ଉଠିଛି ଚଳଚଞ୍ଚଳ । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଦର୍ଶନ ଦେଖି ଭକ୍ତ ହୋଇଛନ୍ତି ଧନ୍ୟ। ଅଣସର ତାଟି ଫିଟିବା ସହ ବିଭିନ୍ନ ନୀତିକାନ୍ତି ବଢିବା ପରେ ମହାପ୍ରଭୁଙ୍କୁ ଆଖି ଦର୍ଶନ ପାଇଛନ୍ତି ଭକ୍ତ । ଝିପି ଝିପି ବର୍ଷା ଓ କୋହଲା ପାଗରେ ଭକ୍ତ ହୋଇଛନ୍ତି ଭାବ ବିହ୍ୱଳ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ଶ୍ରୀମନ୍ଦିର। କାଳିଆର ଆଖି ଦର୍ଶନ ଦେଖି ଭକ୍ତ ଆଖିରୁ ଭାବାଧାରା ଲୁହ ଝରିଛି । ଭାବ ଭକ୍ତିର ସହ ସମର୍ପିତ ହୋଇ ଭକ୍ତ ଦର୍ଶନ କରିଛି କାଳିଆକୁ। ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପୂର୍ବରୁ ଅଣସର ତାଟିରେ ପୂଜିତ ପଟଦିଅଁମାନଙ୍କୁ ବିସର୍ଜନ କରି ଦିଆଯାଇଛି। ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ ରୂପରେ ଦର୍ଶନ କରିଛନ୍ତି । ଏହା ହେଉଛି ନବଯୌବନ ଦର୍ଶନ। ପରେ ହୁଏ ମହାପ୍ରଭୁଙ୍କ ନେତ୍ରୋତ୍ସବ ନୀତି ।ଏହି ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପୂର୍ବର ବନକଲାଗି କରାଯାଇ ଶ୍ରୀମୁଖ-ଶିଙ୍ଗାରୀ ଦତ୍ତ ମହାପାତ୍ର ସେବକ ମାନେ ଶ୍ରୀଜଗନ୍ନାଥାଦି ଦେବତାମାନଙ୍କର ନେତ୍ର ଅଙ୍କନ କରିଛନ୍ତି । ସେଥିରେ ନେତ୍ର ପିତୁଳା ବା ପୁଅଡୋଳା ବି ଅଙ୍କନ କରିଥିଲେ । କିନ୍ତୁ ତାହା ସଂପୂର୍ଣ୍ଣ ହୋଇ ନଥାଏ । ନେତ୍ରୋତ୍ସବ ଦିନ ଦତ୍ତ ମହାପାତ୍ର ସେବକ ତିନିଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ଦେବା ପରେ, ପୂଜାପଣ୍ଡା ସେବକ ସେହି ନେତ୍ର ପିତୁଳା ଅଙ୍କନକୁ ସଂପୂର୍ଣ୍ଣ କରିବା ପାଇଁ ତିନି ଖଣ୍ଡି ତୁଳସୀ କାଠିରେ ଅଙ୍କନ କରିଥିଲେ। ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ପାରିମାଣିକ ଦର୍ଶନ ଓ ସର୍ବ ସାଧାରଣ ଦର୍ଶନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ଭାବେ କରାରାଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସମେତ ବାହାର ଭିତର କଡାକଡି ବ୍ୟବସ୍ଥା କରାଯାଇଛି।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୫ ଜୁଲାଇ ୨୦୨୬

## ସମ୍ପାଦକୀୟ

# ବିଦ୍ରୋହୀଙ୍କ ବଡ଼ ଆହ୍ୱାନ

ଅତୀତ ସାକ୍ଷୀ , ଇତିହାସ ବି ସାକ୍ଷୀ। ବିନା ବିଦ୍ରୋହରେ ପରିବର୍ତ୍ତନ ଆସିନି। ବିନା ସଂଘର୍ଷରେ ସଫଳତା ମିଳିନି । ଇତିହାସରେ ଏଭଳି ବହୁତ ଘଟଣା ଘଟିଯାଇଛି , ଯେଉଁଥିରେ ସଙ୍ଘର୍ଷ ହୋଇଛି, ଜନ ଆନ୍ଦୋଳନ ହୋଇଛି ଏବଂ ଶେଷରେ ସଫଳତା ମିଳିଛି। ଭରତର ସ୍ୱାଧୀନତା ପାଇଁ କେତେ ଯେ ଜୀବନ ଯାଇଛି, କେତେ ଯେ ରକ୍ତପାତ ହୋଇଛି ତା'ର କୌଣସି ହିସାବ ନାହିଁ। କୌଣସି ବି ଦେଶର ସ୍ୱାଧୀନତା ସଂଗ୍ରାମ କେତେ ଯେ ଭୟଙ୍କର ହୋଇପାରେ, କେତେ ଯେ ଭୀଷଣ ରୂପ ଧାରଣ କରିପାରେ, ତାହା ସାଧାରଣ ଭାଷାରେ ବର୍ଣ୍ଣନା କରିବା ଏକପ୍ରକାର ଅସମ୍ଭବ କିନ୍ତୁ ଆଶ୍ଚର୍ଯ୍ୟର ବିଷୟ , ଦେଶର ସେହି ସାଧାରଣ ଜନତାଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଯେବେ ଗଣ ଆନ୍ଦୋଳନର ରୂପ ନିଏ, ସେବେ ସେହି ଆନ୍ଦୋଳନ ହିଁ ଶେଷରେ ପରାଧୀନତାରୁ ମୁକ୍ତି ଦେଇ ଦେଶକୁ , ଜାତିକୁ ସ୍ୱାଧୀନତା ପ୍ରଦାନ କରେ। ଅତୀତରେ ଏମିତି ଏକ ସ୍ୱାଧୀନତା ହାସଲ ପାଇଁ ଭାରତବାସୀ ସେମାନଙ୍କର ମନ ପ୍ରାଣ ସବୁ କିଛି ବାଜିରେ ଲଗାଇଦେଇଥିଲେ। ଶେଷରେ ୧୯୪୭ ଅଗଷ୍ଟରେ ବ୍ରିଟିଶ୍ କବଳରୁ ସ୍ୱାଧୀନ ହୋଇଥିଲା ଆମର ଏଇ ଭାରତ ଦେଶ। ହେଲେ ଦୁର୍ଭାଗ୍ୟବଶତଃ ଘାଟିରାଜ୍ୟ ଜମ୍ମୁକାଶ୍ମୀରର କିଛି ଅଂଶ ଭୁଲ୍‌ବଶତଃ..କିଛି ଭୁଲ୍ ବୁଝାମଣାବଶତଃ ପାକିସ୍ତାନର ଆୟତ୍ତ ଭିତରକୁ ଚାଲିଯାଇଥିଲା। ବହୁତ ସମୟରେ ତେବେ ତତ୍କାଳୀନ ଭାରତୀୟ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ୍ ବୁଝାମଣା କାରଣରୁ ଯେ କାଶ୍ମୀରର ଗୋଟାଏ ଛୋଟିଆ ଅଂଶକୁ ପାକିସ୍ତାନ କଳବଳ କଉଶଳ ଖଟାଇ ସେତେବେଳେ ତା'ର ନିଜର ଅଧୀନକୁ ନେଇଯାଇଥିଲା; ଏମିତି କିନ୍ତୁ ବହୁତ ସମୟରେ ଚର୍ଚ୍ଚା ହୋଇଥାଏ। କାରଣ ଯାହା ବି ହେଉ, ସତ୍ୟ ଯାହା ବି ହେଉ, ଏବେ କିନ୍ତୁ ପିଓକେ ଆମର ହୋଇ ବି ଆମର ହୋଇ ନାହିଁ। ଏବେ କିନ୍ତୁ ସେମାନେ ସତେଜ ହେଲେଣି, ସଶକ୍ତ ହେଲେଣି ଆଉ ସଜାଗ ବି ହେଲେଣି। ପିଓକେ ଏବେ ସ୍ୱାଧୀନତା ଚାହୁଁଛି ଏବଂ ସେହି ସ୍ୱାଧୀନତା ପାଇଁ ତା'ର ସଙ୍ଘର୍ଷ ବି ଆରମ୍ଭ କରିଦେଇଛି କିନ୍ତୁ ଶୁଣୁନି ଇସଲାମାବାଦ, ବୁଝୁନି ଇସଲାମାବାଦ ବରଂ ଶାନ୍ତି ସହକାରେ , ଅହିଂସା ଉପାୟରେ ଜାରି ରହିଥିବା ପିଓକେବାସୀଙ୍କ ଗଣ ଆନ୍ଦୋଳନକୁ ହିଂସା ଉପାୟରେ ଦମନ କରିବାକୁ ସମସ୍ତ କଳବଳ ଖଟାଉଛି ଇସଲାମବାଦ୍। ପିଓକେରେ ଇସଲାମାବାଦର ଏମିତି ଦମନଲୀଳା କିଛି ନୂଆ ନୁହେଁ, ବହୁ ପୁରୁଣା। ତେବେ ଲଗାତାର ଦୁଇମାସ ଧରି ପାକ୍ ପ୍ରଶାସନ କିନ୍ତୁ ପିଓକେରେ ଯେଭଳି ଭାବେ ତା'ର ଦମନଲୀଳା ଚଳାଇଛି, ସେଥିରେ ଅତିଷ୍ଠ ପିଓକେବାସୀ ଏବେ ପାକିସ୍ତାନ ବିରୋଧରେ ନିଜକୁ ପୂର୍ଣ୍ଣରୂପେ ପ୍ରସ୍ତୁତ କରୁଛନ୍ତି । ଭାରତ ସହାୟତାରେ ସେମାନେ ପାକିସ୍ତାନ ବିରୋଧରେ ଲଢ଼ିବାକୁ ଚାହୁଁଛନ୍ତି ଆଉ ଏକ ମୁକ୍ତି ସଂଗ୍ରାମ। ଏଥର କିନ୍ତୁ ପାକିସ୍ତାନ୍ ପ୍ରଶାସନକୁ ବହୁତ ମହଙ୍ଗା ପଡ଼ିବ ଇସଲାମାବାଦର ଏହି ଦମନଲୀଳା। କାରଣ ପିଓକେ ଆଉ ଆଗଭଳି ସ୍ଥିତିରେ ନାହିଁ। ଗତକାଲି ପି ଓ କେରେ ଏକ ଶାନ୍ତି ଶୋଭାଯାତ୍ରା ସମୟରେ ହଠାତ୍ ଆନ୍ଦୋଳନକାରୀଙ୍କ ଉପରେ ଗୁଳି ଚଳାଇବା ଆରମ୍ଭ କରିଦେଇଥିଲା ପାକ୍ ସେନା ଯାହା ଫଳରେ ଜଣେ ଆନ୍ଦୋଳନକାରୀର ଘଟଣାସ୍ଥଳରେ ମୃତ୍ୟୁ ଘଟିବା ଫଳରେ ଅତି ଉଗ୍ରରୂପ ଧାରଣ କରିଥିଲା ଏହି ଆନ୍ଦୋଳନ । ପିଓକେ ଏବେ ପାକିସ୍ତାନ ଠାରୁ ଅଲଗା ହେବାର ଇଚ୍ଛା ରଖୁଛି । ସେଥିନେଇ ସେଠାରେ ଅତି ସକ୍ରିୟ ଥିବା ଜଏଣ୍ଟ ଆୱାମୀ ଆକ୍ସନ୍ କମିଟୀ -ଜେଏଏସିର ପ୍ରମୁଖ ନେତା ଶୌକତ ନୱାଜ୍ ମୀର୍ ପିଓକେକୁ ପାକ୍ ଚଙ୍ଗୁଲ ରୁ ମୁକ୍ତି ଲକ୍ଷ୍ୟ ନେଇ ଆଗଉଥିବା ବେଳେ ତାଙ୍କୁ କିନ୍ତୁ ଗୃହବନ୍ଦୀ କରି ରଖିଛି ପାକ୍ ପ୍ରଶାସନ। ଯାହାଙ୍କୁ ମୁକୁଳାଇବା ନେଇ ପିଓକେର ଅନ୍ୟତମ ପ୍ରମୁଖ ନେତା ଅମନ୍ ଖାନ୍‌ଙ୍କ ନେତୃତ୍ୱରେ ପାକ୍ ସରକାର ବିରୋଧୀ ଗଣ ଆନ୍ଦୋଳନ ସମୟରେ ପାକ୍‌ସେନାର ଅତର୍କିତ ଗୁଳି ଚାଳନାରେ ଜଣକର ମୃତ୍ୟୁ ଏବଂ ଏକାଧିକ ଗୁରୁତର ଆହତ ହେବା ଘଟଣା ଏବେ ଆନ୍ଦୋଳନକୁ ଉଗ୍ରରୂପ ଦେବା ସହ ଅତି ଉତ୍ତ୍ୟକ୍ତ କରିଛି ପିଓକେବାସୀଙ୍କୁ । ଆକ୍ସନ୍ କମିଟୀ ନେତା ଅମନ ଖାନ ଏବେ ଭାରତ ସରକାରଙ୍କୁ ସହଯୋଗର ଗୁହାରି କରିଥିବା ବେଳେ କାଶ୍ମୀରବାସୀଙ୍କୁ ମଧ୍ୟ ପିଓକେରେ ସାମିଲ୍ ହେବା ନେଇ ଅପିଲ୍ କରିଛନ୍ତି। ଏକ ଜନସଭାକୁ ସମ୍ବୋଧନ କରିବା ଅବସରରେ ଅମନ ଖାନ୍ ଆଉ ଏଲ୍ ଓ ସିର ଆବଶ୍ୟକତା ନଥିବା କଥା ମଧ୍ୟ ଦର୍ଶାଇଛନ୍ତି । ଉଭୟଙ୍କୁ ବିଭାଜନ କରୁଥିବା ଏହି ଏଲ୍‌ଓସି ନିୟନ୍ତ୍ରଣ ରେଖାକୁ ହଟାଇ ଆମେ ଏବେ ମିଶିଯିବା ଦରକାର ବୋଲି ଆହ୍ୱାନ ଦେଇଛନ୍ତି । ଯାହାକି ଭାରତ ସରକାରଙ୍କ ପାଇଁ ଏକ ବିଶେଷ ବାର୍ତ୍ତା।

## ଅତିପ୍ରିୟ

ସମାଜର ଜଣେ ଧନୀ ବ୍ୟକ୍ତିଙ୍କର ପୁଅ । ତେବେ ତାଙ୍କର ଗୋଟାଏ ଅତି ଖରାପ୍ ଗୁଣ ଥିଲା। ସେ ଭାରୀ ବଦରାଗୀ ଥିଲେ। କଥାରେ କଥାରେ ସେ ବହୁତ ରାଗିଯାଉଥିଲେ। ତାଙ୍କର ବ୍ୟବହାର ଅନେକ ସମୟରେ ଅନେକଙ୍କ ପ୍ରତି ଅତି କର୍କଶ ହୋଇପଡୁଥିଲା। ଅତି ଖରାପ୍ ହୋଇପଡୁଥିଲା ଯାହାକୁ ପିଲାଟିର ବାପାମା' ବହୁତ ଚିନ୍ତିତ ହେଉଥିଲେ। କ'ଣ କରିବେ , କ'ଣ ଭାବିବେ ? ପିଲାଟିକୁ ସେ କେମିତି ପରିବର୍ତ୍ତନ କରିବେ , ପିଲାଟିକୁ ସେ କେମିତି ସୁଧାରିବେ ? ସେଇ ଚିନ୍ତାରେ ବାପା ମା' ଦୁହେଁ ଘାରି ହେଉଥାନ୍ତି ହେଲେ ପିଲାଟିର ପରିବର୍ତ୍ତନ ନେଇ ସେମାନେ ସେମିତି କିଛି ରାସ୍ତା ଅବା ମାର୍ଗ ପାଉ ନଥିଲେ। ଏମିତି ଚିନ୍ତାରେ ଥାଇ ଥରେ ପିଲାର ପରିବର୍ତ୍ତନ ନେଇ ସେମାନେ ତାଙ୍କ ପରିବାରର ଜନୈକ କୁଳଗୁରୁଙ୍କ ସହିତ ପରାମର୍ଶ କଲେ। ଗୁରୁଙ୍କର ଉତ୍ତର ଥିଲା କିଛି ଭିନ୍ନ । ଗୁରୁଙ୍କ ମତରେ କୌଣସି ଗୋଟିଏ ମଣିଷର ସନ୍ତାନ ସନ୍ତତି କେବେ ବି ଗୋଟାଏ ପ୍ରକାରର ହୋଇ ନପାରନ୍ତି। ତେଣୁ ଏଥିରେ ବିଶେଷ ଚିନ୍ତା କରିବାର କୌଣସି କାରଣ ନାହିଁ। କେବେ କେବେ ସେମିତି ବି ହୁଏ। କେବେ କେବେ ଏମିତି ବି ହୁଏ ଯେ ଗୋଟିଏ ପରିବାରରେ ଜନ୍ମିତ ଦୁଇଟି ପିଲା କେବେ ବି ଏକା ନ ହୋଇପାରନ୍ତି। ଜଣେ ବାପା ଭଳି ହୋଇଥାଏ ତ ଆଉ ଜଣେ ତା'ର ମାଆ ଭଳ ହୋଇଥାଏ । ଏଣୁ ସେଥିପାଇଁ ଗୋଟିଏ ପରିବାରର ଦୁଇଟି ଦୁଇଟି ପିଲା କେବେ କେବେ ଭିନ୍ନ ଭିନ୍ନ ହୋଇ ଯାଆନ୍ତି। ଠିକ୍ ସେମିତି ସେହି ପିଲାଟି ଏମିତି ବଦଳିଯାଇଛି। ଜଣେ ଧନୀ ଘରର ପିଲାର ବାପା ଭଳି ତା'ର ପିଲାଟା ମଧ୍ୟ କଠୋର ତଥା କର୍କଶ ହୋଇଯାଇଛି।ତେବେ ଏଠାରେ କ'ଣ କରାଯାଇପାରେ। କିଭଳି ଧନୀ ଘରର ସେହି ବାଲୁଙ୍ଗା ପିଲାର ମନଟା ପରିବର୍ତ୍ତନ ହୋଇପାରିବ, ସେ ନେଇ ଗୁରୁ ଅବଶ୍ୟ କିଛି ପରାମର୍ଶ ଦେଇଥିଲେ ସେଦିନ ତା'ର ବାପା- ମଆଙ୍କୁ ଯାହା ମାଧ୍ୟରେ ଅନ୍ତତଃ ପିଲାଟା ପରିବର୍ତ୍ତନ ହୋଇପାରିବ। ତେବେ ଗୁରୁଙ୍କ ପରାମର୍ଶ ଶେଷରେ ପିଲାଟାର ବିଚାରଧାରା ପରିବର୍ତ୍ତନ କରିବାରେ ଅବଶ୍ୟ ସହାୟକ ହୋଇପାରିଲା।ଧନୀକ ବ୍ୟକ୍ତିଙ୍କ ପାରିବାରିକ ଗୁରୁ ବୋଲାଉଥିବା ସେହି ମହାଶୟ ଜଣଙ୍କ ମତରେ କାହାକୁ ଆମେ କିଛି ପରାମର୍ଶ ଅବା ଉପଦେଶ ଦେଇ ତାକୁ ଠିକ୍ ଭାବେ ଗଢ଼ିବାର ଚେଷ୍ଟା କରିପାରିବା ହେଲେ ଜଣଙ୍କୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରିପାରିବା ନାହିଁ। ଜଣକର ପରିବର୍ତ୍ତନ କେବଳ ତା'ର ବିଚାରଧାରାରେ ପରିବର୍ତ୍ତନ ପରେ ଆସିପାରିବ। ପରିବର୍ତ୍ତନ କେବଳ ତା'ର ନିଜର ମାନସିକ ଚିନ୍ତାଧାରା ଉପରେ ନିର୍ଭର କରେ। ଯାହାହେଉ ଶେଷରେ ପରିବର୍ତ୍ତନ ହେଲା ଜନୈକ ଧନୀ ବ୍ୟକ୍ତିଙ୍କ ପୁଅର ଯେ କି ପରିବାର ପାଇଁ କୌଣସି ରତନ ଠାରୁ କମ୍ ନଥିଲା। ସେଣୁ ସେଥିପାଇଁ ତ ସମସ୍ତଙ୍କର ଥିଲା ଅତି ଗେହ୍ଲା।

# ରଥେ ତୁ ବାମନଂ ଦୃଷ୍ଟ୍ୱାଂ

ପ୍ରଶାନ୍ତ କୁମାର ନାୟକ

ଓଡ଼ିଆ ଅସ୍ମିତାର ସର୍ବଶ୍ରେଷ୍ଠ ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ଜାତୀୟ ଦେବତା । ସେ ଓଡ଼ିଶାର ସାମାଜିକ ଓ ଆଧ୍ୟାତ୍ମିକ ଜୀବନର ପ୍ରାଣକେନ୍ଦ୍ର। ସେ ନୀଳାଚଳରନାୟକ।ସେ କୋଟି କୈବଲ୍ୟନାଥ, ମୁକ୍ତିଦାତା,ପରଂବ୍ରହ୍ମ। ତାଙ୍କପାଇଁ ବାରମାସରେ ତେରପର୍ବ ଓଡ଼ିଶାରେ ପାଳିତ ହୋଇଥାଏ। ତନ୍ମଧ୍ୟରୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ବା ଘୋଷଯାତ୍ରା ଅନ୍ୟତମ । ପ୍ରତିବର୍ଷ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ଓଡ଼ିଶା ବ୍ୟତୀତ ସାରା ଦେଶରେ ଏବଂ ବିଦେଶରେ ମଧ୍ୟ ପାଳିତ ହୁଏ । ପୌରାଣିକ କଥାବସ୍ତୁ ଅନୁଯାୟୀ ପ୍ରଥମେ ଶ୍ରୀଜଗନ୍ନାଥ ଶବରରାଜା ବିଶ୍ୱାବସୁଙ୍କ ଦ୍ୱାରା ନୀଳଗିରି କନ୍ଦରରେ ରହି 'ନୀଳମାଧବ' ନାମରେ ପୂଜିତ ହେଉଥିଲେ । ରାଜା ଇନ୍ଦ୍ରଦ୍ୟୁମ୍ନ ବିଦ୍ୟାପତିଙ୍କ ସହାୟତାରେ କୌଶଳକ୍ରମେ ଜଗନ୍ନାଥଙ୍କୁ ଚୋରାଇଆଣି ପୁରୀର ଶ୍ରୀମନ୍ଦିରରେ ସ୍ଥାପନା କରିଥିଲେ। ବିଶ୍ୱାବସୁ ତାଙ୍କର ଆରାଧ୍ୟ ଦେବତା ନୀଳମାଧବଙ୍କ ଦର୍ଶନ ବିନା ଜୀବନ ଧାରଣ କରିପାରିବେ ନାହିଁ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଗୁହାରି କଲେ। ଶବର ନିମ୍ନ ଜାତିର ହୋଇଥିବାରୁ ଶ୍ରୀମନ୍ଦିରରେ ତାଙ୍କର ଦର୍ଶନ ସମ୍ଭବପର ନୁହେଁ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନ କହିଥିଲେ । ଶ୍ରୀଜଗନ୍ନାଥ ହେଉଛନ୍ତି ଭକ୍ତବତ୍ସଳ । ତେଣୁ ପରମ ଭକ୍ତ ବିଶ୍ୱାବସୁଙ୍କ ହୃଦୟର ଆବେଦନକୁ ଶ୍ରୀଜଗନ୍ନାଥ ଗ୍ରହଣକରି ଧର୍ମପ୍ରାଣା ରାଣୀ ଗୁଣ୍ଡିଚାଙ୍କୁ ସ୍ୱପ୍ନାଦେଶରେ ରଥଯାତ୍ରା ଉତ୍ସବ ବିଧାନ ନିମନ୍ତେ ନିର୍ଦ୍ଦେଶ ଦେଲେ । ଯାହାଫଳରେ ବିଶ୍ୱାବସୁଙ୍କ ସମେତ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କର ଦର୍ଶନର ସୁବିଧା ପାଇପାରିବେ ଓ ଆତ୍ମ ସନ୍ତୋଷ ଲାଭ କରିପାରିବେ । ମାଳବ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀ ଏହି ଯାତ୍ରା ପ୍ରଚଳନ କରାଇଥିବା ହେତୁ ତାଙ୍କରି ନାମାନୁସାରେ ଏହି ଯାତ୍ରାକୁ ଗୁଣ୍ଡିଚା ଯାତ୍ରା ବୋଲି କୁହାଯାଏ। ଯଥାବିଧି ପ୍ରତିବର୍ଷ ବୈଶାଖ ଶୁକ୍ଳ ତୃତୀୟ (ଅକ୍ଷୟ ତୃତୀୟା) ଦିନରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ । ରଥ ନିର୍ମାଣ ପାଇଁ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଜଙ୍ଗଲରୁ ଫାଶୀ,ଅସନ,ଶାଳ,ଧଉରା ଓ ନିମ୍ବ କାଠ ସଂଗ୍ରହ କରାଯାଏ । ଏହି କାଠରେ ଜଗନ୍ନାଥଙ୍କର ଭୋଇ ,ମହାରଣା,କମାର ଓ ରୂପକାର ସେବକମାନେ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ସଂପନ୍ନ କରିଥାଆନ୍ତି । ପ୍ରତିବର୍ଷ ଆଷାଢ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ଏହି ରଥଯାତ୍ରାର ଇତିହାସ ବହୁ ପ୍ରାଚୀନ । ଏହା ୧୧୫୦ ଖ୍ରୀଷ୍ଟାବ୍ଦରେ ଗଙ୍ଗ ରାଜବଂଶ ଦ୍ୱାରା ଆରମ୍ଭ ହୋଇଥିଲା । ପାଶ୍ଚାତ୍ୟ ଜଗତରେ ଏହା ପ୍ରଥମ ଭାରତୀୟ ପର୍ବ ଥିଲା । ଏହାର ପ୍ରାଚୀନତା ବିଷୟରେ ସ୍କନ୍ଦ ପୁରାଣ, ପଦ୍ମ ପୁରାଣ ଓ ଧର୍ମଶାସ୍ତ୍ର ମୂକସାକ୍ଷୀ ରହିଛି । ସୁତ ସଂହିତାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ବର୍ଣ୍ଣନା ରହିଥିବାର ଜଣାଯାଏ । ତେବେ ଏହି ରଥଯାତ୍ରାପାଇଁ ବର୍ତ୍ତମାନ ତିନିଗୋଟି ରଥ ନିର୍ମାଣ କରାଯାଉଛି । କିନ୍ତୁ ପୂର୍ବରୁ ଛଅଗୋଟି ରଥ ନିର୍ମିତ ହେଉଥିଲା । କାରଣ ବର୍ତ୍ତମାନ ଆମେ ଦର୍ଶନ କରୁଥିବା ବଡଦାଣ୍ଡ ବା ଶରଧାବାଲି ସେତେବେଳେ ମାଳିନୀ ନଦୀ ବା ଶ୍ରଦ୍ଧା ନଦୀ ଭାବରେ ପ୍ରବାହିତ ହେଉଥିଲା । ତେଣୁ ଦିଅଁମାନେ ବଡ ଦେଉଳରୁ ବାହାରି ତିନିଗୋଟି ରଥରେ ଆସି ବଳଗଣ୍ଡି ପାଖରେ ପହଞ୍ଚିବାପରେ ସେଠାରୁ ଡଙ୍ଗାରେ ପାରିହୋଇ ନଈର ଆର ପାର୍ଶ୍ୱରେ ଦଣ୍ଡାୟମାନ ଥିବା ଅନ୍ୟ ତିନିଗୋଟି ରଥରେ ବସି ଗୁଣ୍ଡିଚା ବା ଜନ୍ମ ବେଦିକୁ ଯାତ୍ରା କରୁଥିଲେ । ଲାଙ୍ଗୁଳା ନରସିଂହଦେବଙ୍କ ପରବର୍ତ୍ତୀ ରାଜା ଭାନୁଦେବଙ୍କ ସମୟ (ଖ୍ରୀ.ଅ. ୧୨୬୪- ୧୨୭୮) ରେ ମାଳିନୀ ନଦୀକୁ ପୋତାଯାଇ ସେବେଠାରୁ ଅଦ୍ୟାବଧି ତିନିଟି ରଥରେ ଯାତ୍ରା ବିଧି ସଂପନ୍ନ ହୋଇ ଆସୁଅଛି । ଷୋଡଶ ଶତାବ୍ଦୀରେ ରଚିତ ମାଦଳାପାଞ୍ଜିରେ ମଧ୍ୟ ପୁରୀ ରଥଯାତ୍ରା ବିଷୟରେ ବର୍ଣ୍ଣନା ଥିବାର ଦେଖିବାକୁ ମିଳେ । ବିଶ୍ୱ ଦେବତା ଶ୍ରୀଜଗନ୍ନାଥ କେବଳ ଉତ୍କଳୀୟ ମାନଙ୍କର ନୁହେଁ , ସମଗ୍ର ବିଶ୍ୱ ହିନ୍ଦୁମାନଙ୍କର ସେ ଆରାଧ୍ୟ ଦେବତା । ତାଙ୍କର ବାସସ୍ଥଳୀ ପବିତ୍ର ମହୋଦଧିର ତଟସ୍ଥ ନୀଳାଚଳ ଶ୍ରୀମନ୍ଦିର ମଧ୍ୟସ୍ଥ ରତ୍ନ ସିଂହାସନ । ସେଠାରେ ସେ ଜ୍ୟେଷ୍ଠ ଭ୍ରାତା ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କ ସହିତ ସମାସୀନ । ତାଙ୍କର ପରମ ପବିତ୍ର ବାସସ୍ଥଳୀ ଶଙ୍ଖକ୍ଷେତ୍ର ତଥା ପୁରୁଷୋତ୍ତମ କ୍ଷେତ୍ର ନାମରେ ପରିଚିତ । ଭାରତର ଚାରିଧାମ ମଧ୍ୟରୁ ଏହା ଅନ୍ୟତମ ଓ ଶ୍ରେଷ୍ଠ ଧାମ ଅଟେ । ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ପୁରୀରେ ପ୍ରତିବର୍ଷ ଯେଉଁ ଭୂବନ ବିଖ୍ୟାତ ଉତ୍ସବ ଅନୁଷ୍ଠିତ ହୁଏ ତାହା ରଥଯାତ୍ରା ନାମରେ ଖ୍ୟାତ । ରଥଯାତ୍ରା କେବଳ ଶ୍ରୀଜଗନ୍ନାଥଙ୍କର ଘୋଷଯାତ୍ରା ନୁହେଁ, ଏହା ବିଶ୍ୱ ମାନବର ଜୟଯାତ୍ରା । ଏହା ଉତ୍କଳୀୟ ସଂସ୍କୃତିର ଗର୍ବ ଓ ଗୌରବର ପ୍ରତୀକ । ଏଥିରେ ବିଶ୍ୱ ସଂସ୍କୃତି ସମ୍ମିଳିତ ହୋଇଛି । ସର୍ବଧର୍ମର ସମନ୍ୱୟ ଓ ଜାତିଭେଦର ନିରାକରଣ ଘୋଷଯାତ୍ରାର ଅନ୍ୟତମ ମହତ୍ତ୍ୱ । ଏହା ଆମକୁ ସାମ୍ୟ, ମୈତ୍ରୀ ଏବଂ ଭ୍ରାତୃଭାବର ଶିକ୍ଷା ଦେଇଥାଏ । ଗୁଣ୍ଡିଚା ମନ୍ଦିରରେ ରଥଗୁଡିକ ପହଞ୍ଚିବାପରେ ପହଣ୍ଡିକରି ଦିଅଁମାନଙ୍କୁ ମନ୍ଦିର ପ୍ରବେଶ କରାଯାଏ । ସେଠାରେ ଠାକୁରମାନେ ନଅଦିନ ଅବସ୍ଥାନ କରନ୍ତି । ଆଷାଢ ଶୁକ୍ଳପକ୍ଷ ଦଶମୀ ଦିନକୁ ବାହୁଡା ଦଶମୀ କହନ୍ତି । ଏକାଦଶୀ ତିଥିରେ ରଥ ଉପରେ ଦିଅଁମାନଙ୍କର ସୁନାବେଶ କରାଯାଇଥାଏ । ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛିଯେ ରଥ ଉପରେ ଜଗନ୍ନାଥଙ୍କୁ ଦର୍ଶନକଲେ ଜୀବର ପୁନର୍ଜନ୍ମ ହୁଏନାହିଁ । ଅର୍ଥାତ-

ଦୋଳେଷ୍ଟ ଦୋଳ ଗୋବିନ୍ଦଂ<br>
ଚାପେଚ ମଧୁସୂଦନଂ,<br>
ରଥେତୁ ବାମନଂ ଦୃଷ୍ଟ୍ୱା<br>
ପୁନର୍ଜନ୍ମମ୍ ନ ବିଦ୍ୟତେ ।'

ଏହାପରେ ବିଧି ଅନୁସାରେ ଅଧରପଣା ନିତି, ଲକ୍ଷ୍ମୀଙ୍କର ମାନଭଞ୍ଜନ ଓ ନୀଳାଦ୍ରିବିଜେ ଭଳି ଅନେକ ନିତି ସଂପନ୍ନ ହୋଇ ଦିଅଁମାନେ ମନ୍ଦିର ପ୍ରବେଶ କରନ୍ତି । ଶାସ୍ତ୍ର ଅନୁସାରେ ତିନି ଠାକୁରଙ୍କ ପ୍ରକୃତି ଏବଂ ସ୍ୱରୂପ ଅନୁସାରେ ସେମାନଙ୍କର ରଥର ରଙ୍ଗ ନିର୍ଦ୍ଧାରିତ ହୋଇଥାଏ । ଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ । ଏହାର ରଙ୍ଗ ପୀତ ଓ ଲୋହିତ । ହଳଦିଆ ରଙ୍ଗ ଭଗବାନ ବିଷ୍ଣୁଙ୍କର ପ୍ରତୀକ ଏବଂ ଲାଲ ରଙ୍ଗ ହେଉଛି ଶକ୍ତି ଓ ସଂକଳ୍ପର ପ୍ରତୀକ । ବଳଭଦ୍ରଙ୍କ ରଥ ରଙ୍ଗ ନାଲି ଓ ସବୁଜ। ସବୁଜ ରଙ୍ଗ ହେଉଛି କୃଷି ଓ ବସୁନ୍ଧରାର ପ୍ରତୀକ । ବଳଭଦ୍ର ହେଉଛନ୍ତି ସ୍ୱୟଂ ହଳଧର । ତାଙ୍କୁ ରଷୀ ଓ ଚାଷୀଙ୍କ ଦେବତା ରୂପେ ଅଭିହିତ କରାଯାଏ।

ସୁଭଦ୍ରାଙ୍କ ରଥର ରଙ୍ଗ କଳା ଓ ନାଲି । କଳାରଙ୍ଗ ହେଉଛି ମା' ଆଦିଶକ୍ତି ଓ ଭୁବନେଶ୍ୱରୀଙ୍କ ପ୍ରତୀକ । ସିଏ ରହସ୍ୟମୟ ଏବଂ ସର୍ବବ୍ୟାପୀ ଶକ୍ତିର ପ୍ରତିନିଧିତ୍ୱ କରିଥାଆନ୍ତି । ରଥ ଯାତ୍ରାପାଇଁ ନିର୍ମାଣ କରାଯାଉଥିବା ତିନିଟି ରଥର ବିଶେଷତ୍ୱ ନିମ୍ନରେ ବର୍ଣ୍ଣିତ । ଯଥା -

ଜଗନାଥଙ୍କ ରଥର ନାମ - ନନ୍ଦିଘୋଷ<br>
ଅନ୍ୟନାମ- ଚକ୍ରଧ୍ୱଜ,<br>
ଗରୁଡଧ୍ୱଜ,କପିଧ୍ୱଜ<br>
ରଥର ଉଚ୍ଚତା - ୪୫ ଫୁଟ ୬ ଇଞ୍ଚ<br>
ବ୍ୟବହୃତ କାଠ ସଂଖ୍ୟା - ୮୩୨ ଖଣ୍ଡ<br>
ଚକ ସଂଖ୍ୟା - ୧୬ ଟି<br>
ରଥର ସାରଥୀ- ଦାରୁକ<br>
ରଥର ରକ୍ଷକ- ଗରୁଡ/ନୃସିଂହ<br>
ଘୋଡାମାନଙ୍କର ନାମ- ଶଙ୍ଖ,ବଳାହକ,ଶ୍ୱେତ, ହରିଦ୍ୱାଶ<br>
ଦ୍ୱାରପାଳ - ଜୟ, ବିଜୟ<br>
ରଥର ରଙ୍ଗ - ପୀତ ଓ ଲୋହିତ<br>
ଦଉଡି - ଶଙ୍ଖଚୂଡ

ବଳଭଦ୍ରଙ୍କ ରଥର ନାମ- ତାଳଧ୍ୱଜ<br>
ରଥର ଅନ୍ୟନାମ- ଲଙ୍ଗଳ ଧ୍ୱଜ<br>
ରଥର ଉଚ୍ଚତା - ୪୫ ଫୁଟ<br>
ବ୍ୟବହୃତ କାଠସଂଖ୍ୟା - ୭୬୩ ଖଣ୍ଡ<br>
ଚକ ସଂଖ୍ୟା - ୧୪ ଟି<br>
ରଥର ସାରଥୀ - ମାତଳୀ,<br>
ରଥର ରକ୍ଷକ-ବାସୁଦେବ,<br>
ଘୋଡାମାନଙ୍କର ନାମ- ତୀବ୍ର,ଘୋର,ଦୀର୍ଘଶ୍ରମ, ସ୍ୱର୍ଣ୍ଣନାଭ<br>
ଦ୍ୱାରପାଳ -ନନ୍ଦ, ସୁନନ୍ଦ<br>
ରଙ୍ଗ - ଲାଲ ଓ ନୀଳ<br>
ଦଉଡି - ବାସୁକୀ

ସୁଭଦ୍ରାଙ୍କ ରଥର ନାମ- ଦେବଦଳନ<br>
ରଥର ଅନ୍ୟନାମ-ଦର୍ପଦଳନ,ପଦ୍ମଧ୍ୱଜ ବା କମଳ ଧ୍ୱଜ ।<br>
ରଥର ଉଚ୍ଚତା - ୪୪ ଫୁଟ ୬ ଇଞ୍ଚ<br>
ବ୍ୟବହୃତ କାଠ ସଂଖ୍ୟା- ୫୯୩<br>
ଚକ ସଂଖ୍ୟା -୧୨ ଟି<br>
ରଥର ସାରଥୀ-ଅର୍ଜୁନ<br>
ରଥର ରକ୍ଷକ-ଜୟଦୁର୍ଗା<br>
ଘୋଡାମାନଙ୍କରନାମ-ରୁଚିକା, ମୋଚିକା,ଜିତା,ଅପରାଜିତା ।<br>
ଦ୍ୱାରପାଳ-ଗଙ୍ଗା , ଯମୁନା<br>
ରଙ୍ଗ - କୃଷ୍ଣ ଓ ଲୋହିତ<br>
ଦଉଡି - ସ୍ୱର୍ଣ୍ଣଚୂଡ

ସେହି ଲୀଳାମୟ କୋଟି କୈବଲ୍ୟନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କୋଟି ଦଣ୍ଡବତ ।

ୟୁନିଟ୍- ୦୫; ଭୁବନେଶ୍ୱର<br>
ଫୋନ୍ - ୮୨୪୯୬୫୦୪୧୪

# ଭାରତର ବଢୁଥିବା ବୈଶ୍ୱିକ ପ୍ରଭାବ ଓ ଏଫଏଟିଏଫରେ ଭାରତ

ଡ. ସମନ୍ୱୟ ନନ୍ଦ

କୌଣସି ଦେଶର ନିରାପତା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ ପ୍ରସଙ୍ଗ । ପୂର୍ବରୁ ବାହ୍ୟ ଶତ୍ରୁ କହିଲେ ଦେଶର ସୀମାରେ ଠିଆ ହୋଇଥିବା ଶତ୍ରୁ କଥା ବୁଝା ଯାଉଥିଲା । ମାତ୍ର ବର୍ତମାନ ପରିସ୍ଥିତିରେ ଏହି ସ୍ଥିତି ନାହିଁ । ବୈଶ୍ୱିକ ନିରାପତାକୁ ନେଇ ଯେଉଁ ଆହ୍ୱାନ ବର୍ତମାନ ରହିଛି ତାହା କେବଳ ସୀମାରେ ଠିଆ ହୋଇଥିବା ଶତ୍ରୁ ପର୍ଯ୍ୟନ୍ତ ସୀମିତ ହୋଇ ରହି ନାହିଁ । ବାହ୍ୟ ଶତ୍ରୁ ମାନେ ଏବେ ସୀମାରେ ପ୍ରତ୍ୟକ୍ଷ ଆକ୍ରମଣ କରିବା ପରିବର୍ତେ ଅନ୍ୟ ପନ୍ଥା ଆପଣାଉଛନ୍ତି । ତେଣୁ ପାକିସ୍ତାନ ଭଳି ଦେଶ ଗତ କିଛି ଦଶନ୍ଧି ଧରି ସିଧା ସିଧା ଲଢିବା ପରିବର୍ତେ ଭାରତ ଭଳି ଦେଶକୁ ଅସ୍ଥିର କରିବା ପାଇଁ ପ୍ରଶିକ୍ଷିତ ଆତଙ୍କବାଦୀ ମାନଙ୍କୁ ପଠାଇ ଭାରତ ଉପରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି । ଏହା ଦ୍ୱାରା କମ ଖର୍ଚରେ ପାକିସ୍ତାନ ଭାରତକୁ ଲହୁଲୁହାଣ କରି ଆସୁଛି । ତେବେ ଏହି ଆତଙ୍କବାଦୀ ସଂଗଠନ ଓ ଦେଶ ଭିତରେ ରେଡିକାଲାଇଜେସନ ପାଇଁ ଅର୍ଥର ଆବଶ୍ୟକତା ରହିଥାଏ । ଆତଙ୍କବାଦ ପାଇଁ ଅର୍ଥ ବିଭିନ୍ନ ବେଆଇନ ଉପାୟରେ ଏକତ୍ରିତ କରାଯାଇଥାଏ । ମନି ଲଣ୍ଡ୍ରିଂ ନେଟୱର୍କ, ସାଇବର ଅପରାଧ, ଡ୍ରଗ୍ସ କାର୍ଟେଲ, ହୱାଲା ନେଟୱର୍କ ତଥା ସଂଗଠିତ ଅପରାଧ ଜରିଆରେ ଏହି କାର୍ଯ୍ୟ କରାଯାଇଥିଲା । ତେଣୁ ଆତଙ୍କବାଦକୁ ରୋକିବାକୁ ହେଲେ ସେମାନଙ୍କୁ ଅର୍ଥ ପହଂଚାଉଥିବା ଆର୍ଥିକ ତନ୍ତ୍ର ଓ ଇକୋ ସିଷ୍ଟମ ଉପରେ ଲଗାତାର କାର୍ଯ୍ୟାନୁଷ୍ଠାନ ଜରୁରୀ ହୋଇଥାଏ । ତେଣୁ ଅନ୍ୟ ଶବ୍ଦରେ କହିବାକୁ ଗଲେ କୌଣସି ଦେଶର ସ୍ଥିରତା ଓ ସୁରକ୍ଷା ପାଇଁ ଆତଙ୍କବାଦକୁ ଧନ ପ୍ରଦାନ କରାଯାଉଥିବା ଇକୋ ସିଷ୍ଟମକୁ ଧ୍ୱସ୍ତ କରିବା ଅତ୍ୟନ୍ତ ଆବଶ୍ୟକ । ଏଭଳି ପରିସ୍ଥିତିରେ ବିଶ୍ୱର ଆର୍ଥିକ ସୁରକ୍ଷାର ପ୍ରହରୀ ଭାବେ ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ବା (ଏଫଏଟିଏଫ) ନାମକ ସଂସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । କିଛି ଦିନ ପୂର୍ବରୁ ଭାରତର ଜଣେ ଅଧିକାରୀ ବିବେକ ଅଗ୍ରୱାଲଙ୍କୁ ଏହି ବୈଶ୍ୱିକ ସଂସ୍ଥାର ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି । ଏହା କେବଳ ଜଣେ ଭାରତୀୟ ଅଧିକାରୀଙ୍କ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ବିଶ୍ୱ ଆର୍ଥିକ ଶାସନ ବ୍ୟବସ୍ଥାରେ ଭାରତର ବୃଦ୍ଧି ପାଉଥିବା ସ୍ୱୀକୃତି, ବିଶ୍ୱସନୀୟତା ଏବଂ ପ୍ରଭାବର ଏକ ସ୍ପଷ୍ଟ ପ୍ରତୀକ ବୋଲି କୁହା ଯାଇ ପାରେ । ।ଏବେ ବୁଝିବାକୁ ଚେଷ୍ଟା କରିବା ଯେ ଏଫଏଟିଏଫ କ'ଣ ଏବଂ ଏହାର ଭୂମିକା କାହିଁକି ଗୁରୁତ୍ୱପୂର୍ଣ୍ଣ ? ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫଏଟିଏଫ) ର ସ୍ଥାପନା ୧୯୮୯ ମସିହାରେ ପ୍ୟାରିସରେ ଆୟୋଜିତ ଜି-୭ ସମ୍ମିଳନୀ ସମୟରେ କରାଯାଇଥିଲା। ପ୍ରାରମ୍ଭରେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଅର୍ଥ ଶୋଧନ (ମନି ଲଣ୍ଡରିଂ) ଉପରେ ନିୟନ୍ତ୍ରଣ ସ୍ଥାପନ କରିବା। କିନ୍ତୁ ୨୦୦୧ ମସିହାର ୧୧ ସେପ୍ଟେମ୍ବର ଆମେରିକାରେ ଆତଙ୍କବାଦୀ ଆକ୍ରମଣ ପରେ ଏହାର କାର୍ଯ୍ୟକ୍ଷେତ୍ରକୁ ବିସ୍ତାର କରାଯାଇ ଆତଙ୍କବାଦର ଅର୍ଥ ପହଂଚାଇବାକୁ ରୋକିବାର ଦାୟିତ୍ୱକୁ ମଧ୍ୟ ସାମିଲ କରାଗଲା। ପରବର୍ତ୍ତୀ ସମୟରେ ଗଣବିନାଶକାରୀ ଅସ୍ତ୍ରର ପ୍ରସାର ସହ ଜଡିତ ଆର୍ଥିକ ନେଟୱାର୍କଗୁଡ଼ିକ ଉପରେ ନଜର ରଖିବା ମଧ୍ୟ ଏହାର ଦାୟିତ୍ୱ ମଧ୍ୟରେ ଆସିଲା । ବର୍ତ୍ତମାନ ଏଫଏଟିଏଫଙ୍କ ମାନକ ଓ ନିର୍ଦ୍ଦେଶାବଳୀକୁ ବିଶ୍ୱର ୨୦୦ରୁ ଅଧିକ ଦେଶ ଅନୁସରଣ କରୁଛନ୍ତି। ଏହାର ସୁପାରିଶଗୁଡ଼ିକ ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ସ୍ୱଚ୍ଛତା, ଉତରଦାୟିତ୍ୱ ଓ ସୁରକ୍ଷା ସୁନିଶ୍ଚିତ କରିବାର ମୌଳିକ ଆଧାର ଭାବେ ବିବେଚିତ ହୋଇଥାଏ । ଆତଙ୍କବାଦୀ କାର୍ଯ୍ୟକଳାପକୁ ଆର୍ଥିକ ପ୍ରୋତ୍ସାହନ ଦେବା ଉପରେ ନଜର ରଖୁଥିବା ଏହି ସଂସ୍ଥା କୌଣସି ଦେଶକୁ ଗ୍ରେ ଲିଷ୍ଟ କିମ୍ବା ବ୍ଲାକ ଲିଷ୍ଟରେ ସାମିଲ କରିଥାଏ । ଏହି ଭଳି ଗ୍ରେ କିମ୍ବା ବ୍ଲାକ ଲିଷ୍ଟରେ ସାମିଲ ହେବା ଦ୍ୱାରା ଉକ୍ତ ଦେଶ ମାନଙ୍କର ଆର୍ଥିକ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ ଓ ଏହା ଦ୍ୱାରା ବିଦେଶୀ ପୁଂଜି ନିବେଶକାରୀ ମାନେ ଉକ୍ତ ଦେଶରେ ପୁଂଜି ନିବେଶ କରି ନଥାନ୍ତି । ଏଭଳି ସ୍ଥିତିରେ ଉକ୍ତ ଦେଶ ମାନଙ୍କରେ ପୁଂଜି ନିବେଶ ସମ୍ଭାବନା ଉପରେ ଗଭୀର ଓ ଦୀର୍ଘମିଆଦି ପ୍ରଭାବ ପଡିଥାଏ । ବର୍ତମାନ ସୁଦ୍ଧା ଭାରତ ଏଫଏଟିଏଫରେ ଏକ ଦୀର୍ଘ ଓ ସଫଳ ଯାତ୍ରା ଅତିକ୍ରମ କରି ସାରିଛି । ଭାରତ ୨୦୦୬ ମସିହାରେ ଏଫଏଟିଏଫରେ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲା ଏବଂ ୨୦୧୦ ମସିହାରେ ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା। ଏହାପରେ ଭାରତ ନିଜର ଆର୍ଥିକ ଏବଂ ଆଇନଗତ ଢାଂଚାରେ ବ୍ୟାପକ ସଂସ୍କାର ଆଣିଥିଲା। ପ୍ରିଭେନ୍ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମଏଲଏ), ଅବୈଧ କାର୍ଯ୍ୟକଳାପ (ନିବାରଣ) ଅଧିନିୟମ (ୟୁଏପିଏ), ବେନାମୀ ସମ୍ପତ୍ତି ଆଇନ ଏବଂ ବିଦେଶୀ ମୁଦ୍ରା ପରିଚାଳନା ଅଧିନିୟମ ( ଫେମା ପରି ଆଇନଗୁଡ଼ିକୁ ଏଫଏଟିଏଫର ମାନକ ଅନୁରୂପ ଅଧିକ ସୁଦୃଢ଼ କରାଯାଇଥିଲା।ଏହା ସହିତ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି ), ଫାଇନାନ୍ସିଆଲ୍ ଇଣ୍ଟେଲିଜେନ୍ସ ୟୁନିଟ୍ ( ଏଫଆଇୟୁ) , ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ), ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ସେବି (ସେବି ) ପରି ସଂସ୍ଥାମାନଙ୍କ ମାଧ୍ୟମରେ ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ ଓ ପ୍ରଭାବଶାଳୀ କରାଯାଇଥିଲା। ୨୦୧୭ ମସିହାରେ ରାଜସ୍ୱ ବିଭାଗ ଅଧୀନରେ ଏଫଏଟିଏଫ ସେଲ୍ ର ସ୍ଥାପନା ମଧ୍ୟ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା।ଏହି ସମସ୍ତ ପ୍ରୟାସର ପରିଣାମସ୍ୱରୂପ, ଭାରତକୁ ଏଫଏଟିଏଫ ର ନିୟମିତ ଅନୁପାଳନ ଶ୍ରେଣୀରେ ସ୍ଥାନ ଦିଆଯାଇଥିଲା ଏବଂ ଅନେକ ସମୟରେ ଏହାର ଆର୍ଥିକ ନିରୀକ୍ଷଣ ବ୍ୟବସ୍ଥାକୁ ଉଚ୍ଚ ପ୍ରଶଂସା ମଧ୍ୟ ମିଳିଥିଲା। ବର୍ତମାନ ପ୍ରଶ୍ନ ଉଠୁଛି ଯେ, ଭାରତୀୟ ଅଧିକାରୀ ବିବେକ ଅଗ୍ରୱାଲଙ୍କ ଏଫଏଟିଏଫ ର ଉପାଧ୍ୟକ୍ଷ ପଦକୁ ନିର୍ବାଚିତ ହେବାର କଣ ମହତ୍ୱ ରହିଛି ? ଆନ୍ତର୍ଜାତିକ ସ୍ତରରେ ଭାରତର ଆର୍ଥିକ ସ୍ୱଚ୍ଛତା ଏବଂ ଆତଙ୍କବାଦ ବିରୋଧୀ ପ୍ରତିବଦ୍ଧତା ଉପରେ ସମ୍ପୂର୍ଣ୍ଣ ବିଶ୍ୱର ଗଭୀର ଆସ୍ଥା ରହିଥିବାର ଏହା ହେଉଛି ସ୍ପଷ୍ଟ ସଂକେତ । ଏଫଏଟିଏଫ ର ଇତିହାସରେ ପ୍ରଥମ ଥର ପାଇଁ ଜଣେ ଭାରତୀୟ ଅଧିକାରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଏହି ସଫଳତା ଯେ କେବଳ ଭାରତକୁ ଏଫଏଟିଏଫ ର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶୀଦାର କରିବ ତାହା ନୁହେଁ ବରଂ ବିଶ୍ୱ ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ଏଜେଣ୍ଡାକୁ ପ୍ରଭାବିତ କରିବାର ଏକ ମୂଲ୍ୟବାନ ସୁଯୋଗ ମଧ୍ୟ ପ୍ରଦାନ କରିବ । ଭାରତର ଦୀର୍ଘ ଦିନ ଧରି ସ୍ପଷ୍ଟ ମତ ରହି ଆସିଛି ଓ ଭାରତ ଦାବି କରିଆସୁଛି ଯେ, ଆତଙ୍କବାଦ ଏବଂ ଏହାକୁ ଅର୍ଥ ପ୍ରଦାନ କରୁଥିବା ସମୂହ ଗୁଡିକ ହେଉଛନ୍ତି ଏକେ ମୁଦ୍ରାର ଦୁଇଟି ପାର୍ଶ୍ୱ। ଆତଙ୍କବାଦକୁ ଫଣ୍ଡିଂ ବନ୍ଦ କରାଯାଇ ପାରିଲେ ଆତଙ୍କବାଦକୁ ସମାପ୍ତ କରାଯାଇ ପାରିବ । ବର୍ତ୍ତମାନ ଭାରତ ନିଜର ଏହି ଦୃଷ୍ଟିକୋଣକୁ ଆନ୍ତର୍ଜାତିକ ନୀତି ନିର୍ମାଣ ପ୍ରକ୍ରିୟାରେ ଅଧିକ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରିପାରିବ। ବିଶେଷକରି ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ, ହାୱାଲା ନେଟୱାର୍କ, ସୀମାପାର ଆର୍ଥିକ ଅପରାଧ ଏବଂ ଆତଙ୍କବାଦୀ ଫଣ୍ଡିଂ ପରି ପ୍ରସଙ୍ଗଗୁଡ଼ିକ ଉପରେ ଭାରତର ସ୍ୱର ପୂର୍ବାପେକ୍ଷା ଅଧିକ ଦୃଢ଼ ଏବଂ ପ୍ରଭାବଶାଳୀ ହେବ। ଭାରତ ନିଜକୁ କେବଳ ନିଜର ରାଷ୍ଟ୍ରୀୟ ସ ସ୍ୱାର୍ଥର ସୀମା ମଧ୍ୟରେ ସୀମିତ ରଖି ନାହିଁ । ଭାରତ ସର୍ବଦା ଏସିଆ, ଆଫ୍ରିକା ଏବଂ ଅନ୍ୟାନ୍ୟ ବିକାଶଶୀଳ ଦେଶମାନଙ୍କର ଆର୍ଥିକ ଚ୍ୟାଲେଞ୍ଜଗୁଡ଼ିକୁ ବିଶ୍ୱସ୍ତରୀୟ ମଂଚରେ ଉପସ୍ଥାପନ କରି ଆସିଛି । ଫଏଟିଏଫ ରେ ଭାରତକୁ ଉପାଧ୍ୟକ୍ଷ ପଦ ମିଳିବା ଦ୍ୱାରା ଭାରତର ଭୂମିକା ନିଶ୍ଚିତ ଭାବେ ବଢ଼ିବ ଓ ଅନ୍ୟ ବିକାଶଶୀଳ ଦେଶମାନଙ୍କର ସମସ୍ୟା, ଆବଶ୍ୟକତାକୁ ଆନ୍ତର୍ଜାତିକ ଆର୍ଥିକ ବ୍ୟବସ୍ଥାରେ ଯଥୋଚିତ ସ୍ଥାନ ପ୍ରଦାନ କରାଇବାରେ ଭାରତ ନିଶ୍ଚିତ ଭାବେ ସହାୟକ ହେବ । ଅନ୍ୟ ଶବ୍ଦରେ କହିବାକୁ ଗଲେ ଭାରତକୁ ଗ୍ଲୋବାଲ ସାଉଥ ଦେଶ ମାନଙ୍କର ସ୍ୱର ହେବାର ସୁଯୋଗ ମିଳିବ । ଏଫଏଟିଏଫରେ ଭାରତକୁ ଉପାଧ୍ୟକ୍ଷ ପଦ ପ୍ରାପ୍ତ ହେବା କେବଳ ଏକ କୂଟନୈତିକ ସଫଳତା ନୁହେଁ, ବରଂ ଭାରତର ବଢୁଥିବା ବିଶ୍ୱସନୀୟତା, ଆର୍ଥିକ କ୍ଷମତା ଏବଂ ରଣନୈତିକ ପ୍ରଭାବର ଏକ ଦୃଢ଼ ପ୍ରମାଣ। ଅତୀତକୁ ଯଦି ଆମେ ଦେଖିବା ତେବେ ଦୁଇ ଦଶନ୍ଧି ପୂର୍ବରୁ ଯେଉଁ ଭାରତ ଏଫଏଟିଏଫ ର ସଦସ୍ୟତା ହାସଲ କରିବା ପାଇଁ ପ୍ରୟାସରତ ଥିଲା, ସେହି ଭାରତ ଆଜି ବିଶ୍ୱ ଆର୍ଥିକ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ଢାଂଚାର ନେତୃତ୍ୱ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସ୍ଥିତିକୁ ପହଂଚିଛି। ଆଗାମୀ ବର୍ଷଗୁଡ଼ିକରେ କ୍ରିପଟୋ କରେନ୍ସି, କୃତ୍ରିମ ବୁଦ୍ଧିମତା ଆଧାରିତ ଆର୍ଥିକ ଅପରାଧ, ଡାର୍କ ୱେବ୍ ଏବଂ ସୀମାପାର ଆତଙ୍କବାଦୀ ଫଣ୍ଡିଂ ପରି ନୂତନ ଚ୍ୟାଲେଞ୍ଜ ସାମ୍ନାକୁ ଆସିବ। ଏପରି ସମୟରେ ଏଫଏଟିଏଫ ରେ ଭାରତର ଉପସ୍ଥିତି କେବଳ ଜାତୀୟ ସ୍ୱାର୍ଥର ସୁରକ୍ଷା କରିବ ନୁହେଁ, ବରଂ ବିଶ୍ୱ ଆର୍ଥିକ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ, ସ୍ୱଚ୍ଛ ଏବଂ ଉତରଦାୟୀ କରିବାରେ ମଧ୍ୟ ଉଲ୍ଲେଖନୀୟ ଅବଦାନ ଦେବ । ପ୍ରକୃତରେ, ଏହି ସଫଳତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବୈଶ୍ୱିକ ମଂଚରେ ଉଦୀୟମାନ ଭାରତର ନେତୃତ୍ୱ କ୍ଷମତା, ଦୂରଦର୍ଶୀ ଦୃଷ୍ଟିକୋଣ ଏବଂ ଭାରତର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବର ପ୍ରତୀକ ।

ଭୁବନେଶ୍ୱର

### ଛେଳି ଚୋର ସନ୍ଦେହରେ ପ୍ରଜାକୋର୍ଟରେ ଦଣ୍ଡବିଧାନ ଘଟଣା

# ୭ ଜଣ ଗିରଫ, କୋର୍ଟ ଚାଲାଣ

**ବଣାଇଁ,୧୪।୭ :** ଏବେବି ନିଖୋଜ ଙ୍କ ପତ୍ତା ନ ମିଳିବା ନେଇ ପରିବାରଙ୍କ ପକ୍ଷରୁ ଚାନ୍ଦିପୋଷ ପୋଲିସ ନିକଟରେ ଦାବୀ - ତାଙ୍କ ପୁଅ କୁ ମାରି ଦିଆଯାଇଛି । ଗତ ୧୦ ତାରିଖ ଶୁକ୍ରବାର ଦିନ ଚାନ୍ଦିପୋଷ ଥାନା ଅନ୍ତର୍ଗତ କୋଇଲିଝର ଗ୍ରାମରେ ଚାରି ଜଣ ଯୁବକ ଛେଳି ଚୋରି କରୁଥିବା ଦର୍ଶାଇ ଗ୍ରାମବାସୀ ମାନେ ଯୁବକ ମାନଙ୍କୁ ଧରି ଦଣ୍ଡ ବିଧାନ କରିଥିଲେ । ଚାରି ଯୁବକଙ୍କ ମଧ୍ୟରୁ ତିନିଜଣ ଙ୍କୁ ଧରି ଲୋକେ ହାତ ଗୋଡ଼ ବାନ୍ଧି ପ୍ରବଳ ପିଟି ଗୁରୁତର ଭାବେ ଆହତ କରିଥିଲେ । ଅନ୍ୟ ଜଣେ ନିକଟସ୍ଥ ବ୍ରାହ୍ମଣୀ ନଦୀ କୁ ଭୟରେ ଡେଇଁ ପଡି ଫେରାର ହୋଇଯିବା ନେଇ ଗ୍ରାମବାସୀ କହିଥିଲେ । ଆଇନ ଶୃଙ୍ଖଳା ପରିସ୍ଥିତି ଓ ସବୁ ଜାଗାରେ ଲୋକେ ଆଇନ କୁ ହାତକୁ ନେଉଥିବା ଘଟଣା ଉପରେ ଖବର ପ୍ରସାରିତ ହେବା ପରେ ପୋଲିସ ଅକ୍ସନ ମୁଡକୁ ଆସି ଅଭିଯୁକ୍ତକୁ ଗ୍ରାମବାସୀ ନିର୍ଧୁମ୍ ମାଡ ମାରିବା ଘଟଣା ରେ ୭ ଜଣ କୁ ଗିରଫ କରିଛି । ଅପରପକ୍ଷେ ଏବେବି ନିଖୋଜ ଯୁବକଙ୍କ ପତ୍ତା ନ ମିଳିବା ଘଟଣା କୁ ଏକ ହତ୍ୟାକାଣ୍ଡ ବୋଲି କହି ନିଖୋଜ ଙ୍କ ପରିବାର ଚାନ୍ଦିପୋଷ ପୋଲିସ କୁ ତାଙ୍କ ପୁଅ କୁ ଜୀବିତ ବା ମୃତ ଯାହା ଥାଉ ତାକୁ ଉଦ୍ଧାର କରିବା ପରେ ଏହି ଗ୍ରାମ ଲୋକଙ୍କୁ କୋର୍ଟ ଚାଲାଣ କରନ୍ତୁ ଦାବୀ ରେ ଅଡି ବସିଥିଲେ ଓ ନିଖୋଜ ଯୁବକଙ୍କ ନାମ ମନୋହର ଅନସାରୀ ଓ ତାଙ୍କ ଘର ଲାଠିକଟା ଥାନା ଅନ୍ତର୍ଗତ ନୁଆଗାଁ ଗ୍ରାମରେ ଓ ମନୋହର ର ବାପା ଆଲ୍ଲାଉଦ୍ଦିନ ଅନସାରୀ ଓ ସେଦିନ ସାଥିରେ ଥିବା ଜଣେ ଯୁବକ ସୋନୁ ଅନସାରୀ ମନୋହର କୁ ମାରି ଦିଆଯାଇଥିବା ନେଇ ସିଧା ସଳଖ ଅଭିଯୋଗ ଆଣି ୨୪ - ୨୫ ଜଣ ସାମିଲ ଥିବା ଦାବୀ କରିଛନ୍ତି । ଏବେ ଚାପରେ ରହିଚି ପୋଲିସ । ନିଖୋଜ ଙ୍କ ପରିବାର ବର୍ଗ ଙ୍କୁ ସାଙ୍ଗରେ ନେଇ ଆଜି ପୁନଃ କୋଇଲିଝର ଗ୍ରାମରେ ତଦନ୍ତ କରି ଖାଲି ହାତରେ ଫେରିଥିବା ଜଣାପଡିଛି ଓ ପରେ ଗିରଫ ୭ ଜଣ ଙ୍କୁ ବଣାଇଁ କୋର୍ଟ ଚାଲାଣ କଲା ବେଳେ ପୁଣି ପୋଲିସ ସହ ନିଖୋଜ ଯୁବକଙ୍କ ପରିବାର ର ଯୁକ୍ତିତର୍କ ହୋଇଥିଲେ ହେଁ ପୋଲିସ ବୁଝାସୁଝା କରି ଶେଷରେ କୋର୍ଟ ଚାଲାଣ କରିବାରେ ସଫଳ ହୋଇଛି ।

# ଲଣ୍ଡନରେ ଓଡ଼ିଆ ଚଳଚିତ୍ର ପ୍ରଦର୍ଶନ

**ଭୁବନେଶ୍ୱର,୧୪।୭ :** ଲଣ୍ଡନରେ ପ୍ରବାସୀ ଓଡ଼ିଆଙ୍କ ପାଇଁ ପ୍ରଦର୍ଶିତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ'। ୟୁନାଇଟେଡ୍ କିଙ୍ଗଡମ୍ ଏବଂ ଆୟରଲ୍ୟାଣ୍ଡରେ ବସବାସ କରୁଥିବା ଓଡ଼ିଆମାନେ ଏକାଠି ହୋଇ ଏହି ଚଳଚ୍ଚିତ୍ରକୁ ଉପଭୋଗ କରିଥିଲେ। ଏହି ସ୍ୱତନ୍ତ୍ର ସ୍କ୍ରିନିଂର ଆୟୋଜନ ଅକନେକ୍ଟ ଭାୟା ମିଡିଆ ଅଅର ଅଅନିର୍ଦ୍ଦେଶକ ତରୁଣ ଦାସଅଙ୍କ ନେତୃତ୍ୱରେ କରାଯାଇଥିଲା। ପ୍ରବାସୀ ଓଡ଼ିଆଙ୍କୁ ଓଡ଼ିଆ ସିନେମା, ଭାଷା ଓ ସଂସ୍କୃତି ସହ ଯୋଡ଼ି ରଖିବା ଉଦ୍ଦେଶ୍ୟରେ ଏହି ପ୍ରୟାସ କରାଯାଇଥିଲା। ଲଣ୍ଡନର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ପ୍ରବାସୀ ଓଡ଼ିଆ ପରିବାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚଳଚ୍ଚିତ୍ରକୁ ପ୍ରଶଂସା କରିଥିଲେ। ଚଳଚ୍ଚିତ୍ର ପ୍ରଦର୍ଶନ ସହ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଏକ ଆନ୍ତରିକ ମିଳନର ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା। ଏହି ଅବସରରେ କନେକ୍ଟ ଭାୟା ମିଡିଆର ନିର୍ଦ୍ଦେଶକ ତରୁଣ ଦାସ କହିଥିଲେ ଯେ, ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି, ଭାଷା, ସଂସ୍କୃତି ଏବଂ ଓଡ଼ିଆ ସିନେମା ସହ ଯୋଡ଼ି ରଖିବା ହିଁ କନେକ୍ଟ ଭାୟା ମିଡିଆର ମୂଳ ଉଦ୍ଦେଶ୍ୟ। ଆଗାମୀ ଦିନରେ ମଧ୍ୟ ଅଧିକ ଓଡ଼ିଆ ଚଳଚ୍ଚିତ୍ରର ସ୍କ୍ରିନିଂ, ଓଡ଼ିଶାର ପର୍ବପର୍ବାଣୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଯୁକ୍ତରାଜ୍ୟ ଓ ଆୟରଲାଣ୍ଡ ଦେଶରେ ଓଡ଼ିଆ ସିନେମା ପ୍ରତି ବଢୁଥିବା ଆଗ୍ରହ ଏବଂ ଏଭଳି ସାଂସ୍କୃତିକ ପଦକ୍ଷେପ ପ୍ରବାସୀ ଓଡ଼ିଆ ସମାଜକୁ ଆହୁରି ଏକତ୍ରିତ କରିବାରେ ସହାୟକ ହେଉଛି।

### ଶ୍ରାବଣୀ ମେଳା ପାଇଁ ପ୍ରସ୍ତୁତି ବୈଠକ

# ଅଗଷ୍ଟ ୨ରୁ ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଆରମ୍ଭ ହେବ ଶ୍ରାବଣୀ ମେଳା

**ବଣାଇଁ,୧୪।୭ :** ଆସନ୍ତା ଅଗଷ୍ଟ ୨ରୁ ରାଉରକେଲାର ପ୍ରସିଦ୍ଧ ବେଦବ୍ୟାସ ପୀଠରେ ଶ୍ରାବଣୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହାର ସଫଳ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର୍ ଙ୍କ ଅଧ୍ୟକ୍ଷତାରେ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ମେଳାକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ସେ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ। ଆସନ୍ତା ଅଗଷ୍ଟ ୨ ତାରିଖରୁ ଆୟୋଜନ ହେବାକୁ ଥିବା ଏହି ଶ୍ରାବଣୀ ମେଳା ଯଥାକ୍ରମେ ୯, ୧୬ ଓ ୨୩ ଅଗଷ୍ଟ ତାରିଖ ରବିବାର ଦିନ ଆରମ୍ଭ ହୋଇ ଆରଦିନ ସୋମବାର ସକାଳ ପର୍ଯ୍ୟନ୍ତ ଜାରି ରହିବ। ଏହି ଅବସରରେ ମେଳାରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ଯଥେଷ୍ଟ ପରିମାଣରେ ପୁଲିସ ମୁତୟନ ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା, ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଦ୍ୱାରା ନିୟମିତ ଭାବେ ଷ୍ଟଲ୍ ଗୁଡ଼ିକରେ ଖାଦ୍ୟ ଓ ପାନୀୟର ମାନ ପରୀକ୍ଷଣ କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଶ୍ରଦ୍ଧାଳୁ ମାନଙ୍କ ସଂଖ୍ୟା ରେ ବୃଦ୍ଧି ଓ ଜିଲ୍ଲାରେ ଲଗାଣ ବର୍ଷା ହେବାର ସମ୍ଭାବନା ଯୋଗୁଁ ପ୍ରଶାସନ ପକ୍ଷରୁ ବିଶେଷ ନଜର ରଖାଯିବାପାଇଁ ବୈଠକରେ ସ୍ଥିର କରାଯାଇଛି । ଖାଦ୍ୟ ନିରାପତ୍ତା ଅଧିକାରୀ ଙ୍କୁ ଭକ୍ତ ମାନଙ୍କ ପାଇଁ ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ସଂସ୍ଥା ପକ୍ଷରୁ ଦିଆଯାଉଥିବା ଖାଦ୍ୟର ତଥା ପାନୀୟ ଜଳର ମାନ ଯାଚ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ବହୁ ସଂଖ୍ୟାରେ ଜନସମାଗମକୁ ଲକ୍ଷ୍ୟରେ ରଖି ମନ୍ଦିର ବେଢ଼ା ସହ ନଦୀ ଘାଟ ଗୁଡ଼ିକରେ ପୁରୁଷ ଓ ମହିଳା ମାନଙ୍କ ପାଇଁ ଅଲଗା -ଅଲଗା ବ୍ୟାରିକେଡ ବ୍ୟବସ୍ଥା କରିବା ପାଇଁ ସେ ପିଡବ୍ଲୁଡି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଡବ୍ଲୁଓଡିଏଲ ଏବଂ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ପାଇଁ ରାଉରକେଲା ମହାନଗର ନିଗମ ତରଫରୁ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ପ୍ରାଥମିକ ଚିକିତ୍ସା ନିମନ୍ତେ ଡାକ୍ତରଙ୍କ ସହ ୨ଟି ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିବ । ଏଥିସହ ମେଳାକୁ ସଫଳ ଭାବେ ପରିଚାଳନା ପାଇଁ ନିମନ୍ତେ ବେସାମରିକ ସଂଗଠନର ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜନ କରାଯିବ। ଲଗାଣ ବର୍ଷା ଯୋଗୁଁ ନଦୀ ଜଳସ୍ତର ବଢିବାର ସମ୍ଭାବନା ରହିଛି ଏଥିପାଇଁ ଓଡ୍ରାଫ ରବୋଟ ସହିତ ୧୨ଜଣିଆ ଦଳ ମୁତୟନ ରହିବେ । ଏହା ସହିତ ଅଗ୍ନିଶମ ବିଭାଗ ଓ ପିଡବ୍ଲୁଡି ବିଭାଗ ପ୍ରସ୍ତୁତ ରହିବାକୁ ସୁଶ୍ରୀ ଦସ୍ତଗୀର ପରାମର୍ଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଉପଜିଲ୍ଲାପାଳ ପାନପୋଷ ଚନ୍ଦ୍ରକାନ୍ତ ମଲ୍ଲିକ , ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କ ସହ ତହସିଲଦାର ଲାଠିକଟା ମୁରଲୀଧର ଉର୍ମାଲ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ତଥା ବେଦବ୍ୟାସ ଟ୍ରଷ୍ଟ ବୋର୍ଡ ର ସଦସ୍ୟ ପ୍ରମୁଖ ରୂପେ ଉପସ୍ଥିତ ଥିଲେ।

# ଶେଷ ପର୍ଯ୍ୟାୟରେ ଶେରଗଡ ରଥ

**ଶେରଗଡ,୧୪।୭ :** ପୁରୀ ର ରଥ ପରି ଅବିକଳ ଉଚ୍ଚତା, ଓସାର ବିଶିଷ୍ଟ ରଥ ଶେରଗଡ ରେ ବିଜେ ତିନି ଠାକୁର ଙ୍କ ଲାଗି ପ୍ରତିବର୍ଷ ନିର୍ମାଣ କରାଯାଇଥାଏ। ଚଳିତ ବର୍ଷ ମଧ ଠାକୁରଙ୍କ ଯାତ୍ରା ଲାଗି ରଥ ନିର୍ମାଣ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଦେବୋତ୍ତର ମୁଖ୍ୟ ରାଜା ପୂର୍ଣ୍ଣଚନ୍ଦ୍ର ସିଂ ଦେଓ,ପ୍ରସନ୍ନ ସିଂ ଦେଓ ଏବଂ ମନ୍ଦିର ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ମହାରଣା ରଘୁନାଥ ମହାରଣା ଙ୍କ ପରିଚାଳନା ରେ ରଥର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା କାଲି ତିନି ଠାକୁର ଙ୍କ ନେତ୍ରୋତ୍ସବ ପାଳନ ପରେ ଶ୍ରଦ୍ଧାଳୁ ତିନି ଠାକୁରଙ୍କ ନବଯୌବନ ଦର୍ଶନ ପାଇବେ। ଏହା ପରେ ପରମ୍ପରା ଅନୁସାରେ ଗୁରୁବାର ରାଜା ପୂର୍ଣ୍ଣଚନ୍ଦ୍ର ସିଂ ଦେଓ ଠାକୁର ମାନଙ୍କୁ ପହଣ୍ଡି କରାଇ ରଥାରୂଢ଼ କରି ଆଳତୀ ପ୍ରଦାନ ପରେ ରଥଟଣା ଆରମ୍ଭ ହେବ। ରଥ ନିର୍ମାଣ କାର୍ଯ୍ୟରେ ଯାତ୍ରା କମିଟିର ସଦସ୍ୟ ପି.ବାବୁଲା ପାତ୍ର, ବାସୁଦେବ ସ୍ୱାଇଁ, ଗିରିଜା ଶଙ୍କର ଷଡଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ସୁବାଷ ଚନ୍ଦ୍ର ପାତ୍ର,ବଳରାମ ପାଢୀ, ସୀତାରାମ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ଦୁର୍ଗା ମାଧବ ବିଷୋୟୀ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଦାସ, ନରସିଂହ ପଣ୍ଡା, ସୂର୍ଯ୍ୟ ନାରାୟଣ ପଣ୍ଡା, ମନୋରଞ୍ଜନ ପାଢୀ ପ୍ରମୁଖ ସହାୟତା କରୁଥିବା ବେଳେ ମହାରଣା, ଚିତ୍ରକର ଓ କାରୁକାର୍ଯ୍ୟ ଶିଳ୍ପୀ ମାନେ ନିର୍ମାଣ କାର୍ଯ୍ୟ ରେ ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ଆର୍ମୀ ସୁବେଦାର ଦିଲ୍ଲୀପ କୁମାରଙ୍କୁ ସମ୍ବର୍ଦ୍ଧନା

### ସାମାଜିକ ସେବାରେ ଯୋଗଦାନର ସଂକଳ୍ପ

**କୋଟପାଡ଼,୧୪।୭ :** କୋଟପାଡ଼ ବ୍ଲକ ଧାମଣାହାଣ୍ଡି ପଞ୍ଚାୟତର ଅବସରପ୍ରାପ୍ତ ସୁବେଦାର ଦିଲ୍ଲୀପ କୁମାର ବିଶୋଇ ସେନାରେ ୩୦ ବର୍ଷର ସଫଳ କାର୍ଯ୍ୟକାଳ ସମାପ୍ତ କରି ଅବସର ଗ୍ରହଣ କରିବା ପରେ ଗୋଟିଏ ସ୍ୱାଗତ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗ୍ରାମବାସୀ, ସାଙ୍ଗସାଥୀ, ବନ୍ଧୁବାନ୍ଧବ ଏବଂ ଶୁଭେଚ୍ଛୁମାନଙ୍କୁ ନିମନ୍ତ୍ରଣ କରିଥିଲେ। ସୂଚନା ଥାଉକୀ ନିଜ କନିଷ୍ଠ ଭ୍ରାତା ସଂଜୀବ ବିଶୋଇ ମଧ ଓଡିଶା ପୋଲିସରେ ଯୋଗଦାନ କରି ବୋରିଗୁମ୍ମା ଥାନାରେ କାର୍ଯ୍ୟରତ ଅଛନ୍ତି, ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ, ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ,ସନ୍ତୋଷ ମିଶ୍ର, ମନୋହର ବିଶୋଇ,ଏମ୍.ଡି.ସଲିମ,ବିରେନ ବିଶୋଇ,ଗଣେଶ ପଣ୍ଡା, ମନୋଜ ବ୍ରହ୍ମା, ଉମେଶ ବ୍ରହ୍ମା, ପ୍ରଶାନ୍ତ ପଣ୍ଡାଙ୍କ ସହ ସମସ୍ତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ଦିଲ୍ଲୀପ କୁମାର ବିଶୋଇଙ୍କ ୩୦ ବର୍ଷର ନିଷ୍ଠାପୂର୍ଣ୍ଣ ସେବା ସହିତ ଦେଶପାଇଁ ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଦିଲ୍ଲୀପ କୁମାର ବିଶୋଇ ତାଙ୍କ ଅବସର ପରେ ସେ କୋଟପାଡ଼ ଅଞ୍ଚଳରେ ସାମାଜିକ କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦାନ କରି ସମାଜର ସେବା ପାଇଁ ନିଜକୁ ସମର୍ପିତ କରିବେ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ, ବିଶେଷକରି ଭାରତୀୟ ସେନାରେ କାର୍ଯ୍ୟରତ ହୋଇ ଦେଶ ପାଇଁ ସେବା କରିବା ପରେ କୋଟପାଡ଼ ଅଞ୍ଚଳ ବହୁ ସେନାଦକ୍ଷ ମାନେ ଅବସର ପରେ କୋଟପାଡ଼ ଅଞ୍ଚଳରେ ସମାଜସେବା କରିବା ସହିତ କୋଟପାଡ଼ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣି କୋଟପାଡ଼ ନିର୍ବାଚନ ମଣ୍ଡଳୀ ପାଇଁ ଶ୍ରୀଯୁକ୍ତ ରୂପୁ ଭତରା ବିଧାୟକ ହୋଇ ସୁନାମ ଅର୍ଜନ କରିଛନ୍ତି,ସେହିପରି ଗୌରାଙ୍ଗ ନାୟକ, ଟେମରାଜ ମାଝୀ, ଚନ୍ଦ୍ରଧ୍ୱଜ ମାଙ୍ଗାଳି ଦେଶ ପାଇଁ ସେବାକରି ଅବସର ପରେ କୋଟପାଡ଼ ଠାରେ ସମାଜ ସେବା କରିବା ସହିତ ସ୍କୋଟିଙ୍ଗ କ୍ଲବ ପଡିଆ ଠାରେ ଅଗ୍ନିବୀର, ଫିଟନେସ ଓ ବ୍ୟାୟାମ ପ୍ରଶିକ୍ଷଣ ପ୍ରଦାନ କରିବା ସହିତ କୋଟପାଡ଼ ଅଞ୍ଚଳର ଛାତ୍ର, ଛାତ୍ରୀ ମାନଙ୍କୁ ସ୍ୱାବଲମ୍ବୀ କରି ପ୍ରଶଂସାର ପାତ୍ର ହୋଇଥିଲା ବେଳେ ଆଜି କୋଟପାଡ଼ ଦିଲ୍ଲୀପ ବିଶୋଇ ଭାରତ ମିଡ଼ିଆ ଆସସେସୀୟନ ସଙ୍ଘର ସମସ୍ତ ମିଡ଼ିଆ ବନ୍ଧୁମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ

**କୋଟପାଡ,୧୪।୭ :** କୋଟପାଡ଼ ଏନ.ଏ.ସି ସ୍ଥିତ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି,ଏହି ଅବସରରେ ପ୍ରାୟ ୨୦୦ ରୁ ଅଧିକ ଅବିଭାବକ ଯୋଗ ଦେଇ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା, ପୁରାତନ କମିଟିର ଅଧ୍ୟକ୍ଷ ସୁଧିର ଚନ୍ଦ୍ର ମହାନ୍ତିଙ୍କୁ ବିଦାୟ ଦିଆଯାଇଥିବାବେଳେ ନୂତନ କମିଟି ସରକାରଙ୍କ ନିୟମ ଅନୁଯାୟୀ ଗଠନ କରାଯାଇଥିଲା, ନୂତନ ବିଦ୍ୟାଳୟ ପରିଚାଳନା କମିଟି ର ଅଧ୍ୟକ୍ଷ ଭାବେ ଝିଲ୍ଲୀ ଜେନା ସର୍ବସମ୍ମତି କ୍ରମେ ମନୋନିତ ହୋଇଥିବା ବେଳେ ସହ ଅଧ୍ୟକ୍ଷ ଭାବରେ ମୁନୀ ନାୟକଙ୍କୁ ସର୍ବ ସମତି କ୍ରମେ ମନୋନୀତ କରାଯାଇଥିଲା,ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷକ ରତିକାନ୍ତ ମହାନ୍ତି, ପ୍ରଭାସିନି ଲିମାଲ , ଶୁଭାଶିଷ ପଣ୍ଡା ,ମହିମା ମୁଣ୍ଡ,ଅଜୟ ପ୍ରଧାନ,ସଇତା ଗୋଲାରୀ ,ସସ୍ମିତା ରନ୍ଧାରୀ, ବନିତା ମହାନ୍ତି,ରୂପସି ମହାନ୍ତି, ଆକାଶ ବିଭାର,ପ୍ରିୟଦର୍ଶନୀ ମଣ୍ଡଳଙ୍କ ସହିତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ପରିଚାଳନା କରିବା ସହିତ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### ତିର୍ତ୍ତୋଲ ବିଜେପିରେ ଅସନ୍ତୋଷ ବଢ଼ିଲା

# ମଣ୍ଡଳ ସଭାପତିଙ୍କ ବିରୋଧରେ ଦୁର୍ନୀତି ଓ କାର୍ଯ୍ୟ ବିକ୍ରି ଅଭିଯୋଗ

### ବିଜେପିକୁ ବୁଡେଇବେ ବିଜେପି କର୍ମୀ

**ଜଗତସିଂହପୁର,୧୪।୭ :** ତିର୍ତ୍ତୋଲ ରେ ବିଜେପିକୁ ବୁଡେଇବେ ବିଜେପି କର୍ମୀ। ପୁରାତନ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତା ସମ୍ମିଳନୀ ରେ ବରିଷ୍ଠ କାର୍ଯ୍ୟକର୍ତ୍ତା ଆଣିଲେ ସାଙ୍ଘାତିକ ଅଭିଯୋଗ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ। ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ପଂଚାୟତ ମୁନି ଗୋସେଇଁ ମଠ ଠାରେ ପୁରାତନ ଭାରତୀୟ ଜନତା ପାର୍ଟି ପକ୍ଷରୁ କାର୍ଯ୍ୟକର୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ବ୍ଲକର ପୁରାତନ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ତିର୍ତୋଲ ବ୍ଲକ ରେ ଭାରତୀୟ ଜନତା ପାର୍ଟିପାଇଁ କାମ କରିଆସୁଥିବା ପୁରୁଣା ବିଜେପି କର୍ମୀଙ୍କୁ ଅଣଦେଖା କରୁଛନ୍ତି । କେବଳ ସେତିକି ନୁହେଁ ବ୍ଲକ ର ବିଭିନ୍ନ କାର୍ଯ୍ୟ ରେ ମଧ୍ୟ ଆମକୁ ଅଣଦେଖା କରାଯାଉଛି । ଅଣଦେଖା କରାଯାଉଛି। ବରିଷ୍ଠ ପୁରାତନ ସଦସ୍ୟ ଙ୍କୁ ନ ପଚାରି ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଛି। ଯାହା ପୁରାତନ ଦଳୀୟ କର୍ମୀଙ୍କୁ ଅଣଦେଖା କରି ବିଭିନ୍ନ କାର୍ଯ୍ୟ କରାଯାଉଛି । ପଞ୍ଚାୟତ ର ବିଭିନ୍ନ କାର୍ଯ୍ୟ ବିରୋଧୀ ଦଳକୁ ସହ ସାଲିସ କରି କରାଯାଉଛି। ଜିଲ୍ଲାର ବିଜେପି ସଭାପତି ଆମକୁ ଯାହାକୁ ନେଇ ତିର୍ତ୍ତୋଲ ବ୍ଲକ ର ସମସ୍ତ ପଞ୍ଚାୟତ ରେ ବିଜେପି କର୍ମୀଙ୍କ ଭିତରେ ଅସନ୍ତୋଷ ବଢିଚାଲିଛି. ଯାହାର ଫଳ ସ୍ୱରୂପ ଆସନ୍ତା ପଞ୍ଚାୟତ ସ୍ତରୀୟ ନିର୍ବାଚନ ରେ ନୂତନ ବିଜେପି କର୍ମୀଙ୍କ ଭୁଲ ପାଇଁ ତିର୍ତ୍ତୋଲ ବ୍ଲକରେ ବିଜେପି ପରାସ୍ତ ହେଇପାରେ ବୋଲି ବରିଷ୍ଠ ଦଳୀୟ କର୍ମୀ ମତ ରଖିଛନ୍ତି।

# ଏନ୍‌ଏନ୍‌ଏସ୍ ପକ୍ଷରୁ ବୃକ୍ଷରୋପଣ ମହୋତ୍ସବ

**ବ୍ରହ୍ମପୁର,୧୪।୭ :** ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟ-୧ ଓ ୟୁନିଟ୍-୨ ମିଳିତ ଆନୁକୂଲ୍ୟରେ ଏକ ବୃକ୍ଷରୋପଣ ମହୋତ୍ସବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର୍ ଦେବରାଜ ସ୍ୱାଇଁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ପରିବେଶ ସୁରକ୍ଷା ଦିଗରେ ବୃକ୍ଷରୋପଣର ଆବଶ୍ୟକତା ଓ ଭୂମିକା ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର ଦୁଇଟି ଯାକ ୟୁନିଟର ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ ପୂର୍ବକ ମହାବିଦ୍ୟାଳୟ ଖେଳ ପଡ଼ିଆ ଚତୁର୍ପାଶ୍ୱରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । 'ୟୁଥ୍ ଫର୍ ସେବା' ସଂସ୍ଥାର ଓଡ଼ିଶା ସଂଯୋଜକ ସୁବ୍ରତ ମହାନ୍ତି ଆମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା, ଏହାର ଉପଯୋଗିତା ଓ ମହତ୍ତ୍ୱ ସଂପର୍କରେ ସ୍ୱେଚ୍ଛାସ୍ୱେୀମାନଙ୍କୁ ବୁଝାଇଥିଲେ । ଜାତୀୟ ସେବା ଯୋଜନା ୟୁନିଟ-୧ ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା ଓ ୟୁନିଟ୍-୨ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଚାଳନାରେ ଅନୁଷ୍ଠିତ ଏହି ମହୋତ୍ସବରେ ଡ. ରୋଶନୀ ସାହୁ, ଡ. ମଧୁସ୍ମିତା ଦାସ, ଡ. ବନଲତା ସାହୁ, ଡ. ଶିବାନୀ ମିଶ୍ର, ଡ. ସୁଧାନନ୍ଦ ମହାରଣା, ଡ. ମାନ୍ନା ମିଲନ୍, ଡ. ମଧୁମିତା ନାୟକ, ଡ. ସୁଶାନ୍ତ କୁମାର ବୀରୋ, ଡ. ବନୋଜ ନାୟକ, ଡ. ଶାରଦା ପ୍ରସାଦ ଦାସ, ଡ. ରତ୍ନାକର ମିଶ୍ର, ଡ. ସ୍ନେହାସିନୀ ପ୍ରଧାନ ଓ ଡ. ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ସାମିଲ୍ ହେବା ସହ ପ୍ରତ୍ୟେକେ ଏକ ଏକ ଚାରାଗଛ ଲଗାଇଥିଲେ। ଚାରାଗଛ ରୋପଣ ସହ ଏହାର ଯତ୍ନ ନେବାକୁ ସ୍ୱେଚ୍ଛାସେବୀମାନେ ଶପଥ ନେଇଥିଲେ ।

## ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ସଚେତନତା ଲୌହଫଳକ ସ୍ଥାପନ

**ପୁରୀ, ୧୪ ।୭ :** ମହାତ୍ମା ଗାନ୍ଧୀ ସ୍ମୃତି ଶିକ୍ଷା ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପୁବା ଶାସନ , କୌଶଲ୍ୟାଗଙ୍ଗ,ପୁରୀର ଏନ୍ . ଏସ୍ .ଏସ୍ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଆଜି (ମଙ୍ଗଳବାର) NH ୩୧୬ ପୁବା ଶାସନ ର ରାସ୍ତା ର ଉଭୟ ପାର୍ଶ୍ୱରେ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରମତୀ ମଧୁସ୍ମିତା ଜେନା ଏବଂ ଏନ୍.ଏସ. ଏସ . ପ୍ରୋଗ୍ରମ୍ ଅଫିସର୍ ବରାହୀ ପ୍ରସାଦ ଶତପଥୀଙ୍କ ତତ୍ତ୍ୱାବଧାନରେ ରଥଯାତ୍ରାକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥାକୁ ସରଳ ଏବଂ ଦୁର୍ଘଟଣାକୁ ରୋକିବା ପାଇଁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସଚେତନତା ୨ ଲୌହ ଫଳକ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାପନା କରାଯାଇଛି । ଏହି ଅବସରରେ ବରିଷ୍ଠ ଇତିହାସ ଅଧ୍ୟାପକ ଶ୍ରୀଯୁକ୍ତ ସୋମନାଥ ମିଶ୍ର, ସଂସ୍କୃତ ଅଧ୍ୟାପକ ଡଃ ହିମାଂଶୁ କର , ପଦାର୍ଥ ବିଜ୍ଞାନ ଅଧ୍ୟାପକ ଭାଗିରଥି ସାହୁ ଏବଂ ଅର୍ଥନୀତି ଅଧ୍ୟାପକ ସତ୍ୟପ୍ରକାଶ ମୁଦୁଲି ଓ ଗ୍ରାମର ଦୁଇଜଣ ସଦସ୍ୟଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀ ମାନଙ୍କୁ ଅଧ୍ୟକ୍ଷା ଏବଂ ପ୍ରୋଗ୍ରାମ ଅଫିସର୍ ସଡ଼କ ସୁରକ୍ଷା ଜୀବନ ରକ୍ଷା, ହେଲମେଟ ପିନ୍ଧି ଗଡିଚଳାଇବା ଆଦି ବିଷୟରେ ସଚେତନ କରାଇଥିଲେ ।ଏହାକୁ ରାସ୍ତାର ପଥିକମାନେ ଏବଂ ଅଞ୍ଚଳବାସୀ ଭୂୟସୀ ପ୍ରଂଶସା କରିଥିଲେ।

## ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଶ୍ରାଦ୍ଧୋତ୍ସବରେ ତିଳତର୍ପଣ

**ସତ୍ୟବାଦୀ /ସୁଆଣ୍ଡୋ, ୧୪ ।୭ :** ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଶ୍ରୀଜଗନ୍ନାଥଙ୍କ ନେତ୍ରୋତ୍ସବ ଅବସରରେ ଗୋପବନ୍ଧୁ ସ୍ମୃତିପରିଷଦ ଆନୁକୂଲ୍ୟରେ ଜନ୍ମମାଟି ସୁଆଣ୍ଡୋରେ ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ସଂଗ୍ରହାଳୟ ପରିସରରେ ଥିବା ଚନ୍ଦନ ପୁଷ୍କରିଣୀରେ ପଣ୍ଡିତ ଲକ୍ଷ୍ମୀକାନ୍ତ ନନ୍ଦ ବୈଦିକ ମନ୍ତ୍ରରେ ଗୋପବନ୍ଧୁଙ୍କ ପିତୃ ୩ପୁରୁଷ ଓ ମାତୃକୁଳ ୩ପୁରୁଷଙ୍କ ଉଦ୍ଦେଶ୍ୟରେ ଜଳ ତିଳ ତଣ୍ଡୁଳ ପୁଷ୍ପ ଆଦି ଅର୍ପଣ କରି ତିଳତର୍ପଣ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ପୁଣ୍ୟଶ୍ଳୋକ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଧୂପଦୀପ ପ୍ରଜ୍ୱଳନ କରିଥିଲେ । ଗବକୁଣ୍ଡ ପିଏମ୍ ଶ୍ରୀ ଜୟଦୁର୍ଗା ନୋଡାଲ ଉଚ୍ଚବିଦ୍ୟାଳୟ ଓ ବଳପୁର ନୋଡାଲ ଉଚ୍ଚବିଦ୍ୟାଳୟର ୫ ଶହ ଛାତ୍ରଛାତ୍ରୀ ଯୋଗଦେଇ ଗୋପ କବିତା ଆବୃତି କରିବା ସହ ଯୁନିଅର ସ୍କାଉଟ ଗାଇଡ୍ ପକ୍ଷରୁ ବ୍ୟାଣ୍ଡ ବଜାଇ ଶୋଭାଯାତ୍ରାରେ ଅତିଥିମାନଙ୍କ ଗହଣରେ ସାମ୍ବାଦିକ ଧୀରେନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଚନ୍ଦନ ପୁଷ୍କରିଣୀରେ ତିଳତର୍ପଣ ସ୍ଥାନକୁ ଯାତ୍ରା କରିଥିଲେ । ଶିକ୍ଷାବିତ ରାଧାକାନ୍ତ ଦାଶ , ବାସୁଦେବ ସାହୁ , ଡ ପ୍ରଭାକର ତ୍ରିପାଠ, ରବୀନ୍ଦ୍ରନାଥ ମହାନ୍ତି, ଜିଲାପରିଷଦ ସଭ୍ୟ ରତିକାନ୍ତ ମିଶ୍ର , ନୀଳାଚଳ କୃଷକ ମହାସଂଘ ଉପଦେଷ୍ଟା ସଭାପତି ନିରଞ୍ଜନ ମହାପାତ୍ର , ଶିକ୍ଷାବିତ ବ୍ରଜକିଶୋର ପାଇକରାୟ , ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ଦାସ, ନରହରି ସିଂହ , ସତ୍ୟବାଦୀ କଳା ସଂସ୍କୃତି ସଂଘ ଉପସଭାପତି ରମେଶଚନ୍ଦ୍ର ପଲେଇ , ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେବୀ , ଶିକ୍ଷକ ଅମୂଲ୍ୟ କୁମାର କର ଆୟୋଜିତ ସଭାରେ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି ପିପିଲି ସଚେତନ ନାଗରିକ ମଞ୍ଚ ସଭାପତି ସୁରେଶ କୁମାର ରଥଙ୍କ ନେତୃତ୍ୱରେ ଉପଦେଷ୍ଟା ପ୍ରସନ୍ନ କୁମାର ଦାସ ଓ ରାମଚନ୍ଦ୍ର ଦାଶ , ସଂପାଦକ ସୁଦାମ ଖୁଣ୍ଟିଆ , କ୍ରିଷ୍ଣା ସାହୁ, ସ୍ୱପ୍ନା ମହାପାତ୍ର , ପ୍ରମିଳା ପଣ୍ଡା , କଳ୍ପନା ମିଶ୍ର ପ୍ରମୁଖ ୬୫ ଜଣ ଗୋପବନ୍ଧୁ ଗୁଣମୁଗ୍ଧ ଯୋଗଦାନ କରିଥିଲେ । ଜିଲାସଂସ୍କୃତି ଅଧିକାରୀଙ୍କ ପରାମର୍ଶ ଓ ଉତ୍କଳମଣି ଗୋପବନ୍ଧୁ ମେମୋରିଆଲ ଟ୍ରଷ୍ଟ ଏବଂ ଏଲଆଣ୍ଡକେ ପ୍ରା ଲି ମାନେଜର ଦିପକ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ । ଗୋପବନ୍ଧୁ ସ୍ମୃତିପରିଷଦ କାର୍ଯକାରୀ ସଭାପତି ଦେବେନ୍ଦ୍ର ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଗୋପବନ୍ଧୁ ସ୍ମୃତିପରିଷଦ ସଭାପତି ଧୀରେନ୍ଦ୍ର ନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅସୁସ୍ଥ ପୁଅକୁ କିଡ୍‌ନୀ ଦେଇ ଜୀବନ ବଞ୍ଚାଇଲା ମା’

**କାକଟପୁର /ଅସ୍ତରଙ୍ଗ, ୧୪ ।୭ :** ‘ପୁଅ’ ପାଇଁ ଜଣେ ମା’ ନିଜ ଶରୀର ଏକ ଅଂଶ ବି କାଟି ଦେଇପାରେ। ଏଭଳି ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ରାମଚନ୍ଦ୍ରପୁର ଗାଁର ରଞ୍ଜୁଲତା ସ୍ୱାଇଁଙ୍କ କ୍ଷେତ୍ରରେ। ଦିନ ମଜୁରିଆଭାବେ କାମ କରୁଥିବା ପଞ୍ଚାନନ ସ୍ୱାଇଁ ଓ ରଞ୍ଜୁଲତାଙ୍କ ଏକମାତ୍ର ପୁଅ ସତ୍ୟପ୍ରକାଶ। ବୟସ ମାତ୍ର ୧୫ବର୍ଷ । ଦଶମ ଶ୍ରେଣୀର ମେଧାବୀ ଛାତ୍ର। ବ୍ଲକ ଓ ଜିଲ୍ଲାସ୍ତରେ ନାଁ କରିଥିବା ପୁଅ। ଗତ ଜାନୁୟାରୀ ମାସରେ ହଠାତ୍ ସେହି ‘ପୁଅ’ ଅସୁସ୍ଥ ହୋଇପଡିଲା। ଡାକ୍ତର କହିଲେ – ‘ଉଭୟ କୀଡ୍‌ନି ଖରାପ’। ସହିତ ଆସିଲା ଆଉ ଗୋଟିଏ କଥା – ‘ତୁରନ୍ତ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ। ଲକ୍ଷାଧିକ ଟଙ୍କାର ଖର୍ଚ୍ଚ। ପ୍ରତି ସପ୍ତାହକୁ ୧୦ ହଜାର ଡାଇଲିସିସ୍। ଦିନ ମଜୁରିଆ ବାପାଙ୍କ ପାଇଁ ଏତା ଅସମ୍ଭବ। ହେଲେ ମା ରଞ୍ଜୁଲତାଙ୍କ ପାଇଁ ‘ପୁଅ’ ଶବ୍ଦର ଅର୍ଥ ଟଙ୍କା ନୁହେଁ, ଜୀବନ।ସ୍ଥାନୀୟ ଅଂଚଳର ଗଣମାଧ୍ୟମ ପ୍ରତିନିଧି ଖବର ପ୍ରକାଶିତ ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସମାଜସେବୀ, ବରିଷ୍ଠ ନାଗରିକ ପହଂଚି ସହାୟତା ପ୍ରଦାନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସବୁଜ ଶାଖା’ ୫୦ ହଜାର ଟଙ୍କା ଓ ଗାନ୍ଧିଜୀ ଯୁବକ ସଙ୍ଗ କୁହୁଡି ୭୦ହଜାରରୁ ଉର୍ଦ୍ଧ ଟଙ୍କା ପ୍ରଦାନ କରିଥିଲେ । ବିଭିନ୍ନ ଅଞ୍ଚଳର ଲୋକେ ଦୁଃଖଦ ଖବର ଜାଣିବା ପରେ ଫୋନ୍ ପେ ମାଧ୍ୟମରେ ସହାୟତା ପ୍ରଦାନ କରିଥିଲେ। କିନ୍ତୁ ସବୁଠୁ ବଡ ସହାୟତା ଆସିଲା ମା’ ର ହୃଦୟରୁ। ଡାକ୍ତର ଯେତେବେଳେ କହିଲେ ‘କୀଡ୍‌ନି ଦାତା ଦରକାର’, ରଞ୍ଜୁଲତା ଆଗକୁ ବଢି କହିଲେ, ‘ମୋ ପୁଅ ପାଇଁ ମୁଁ ଅଛି। ମୋ କୀଡ୍‌ନି ନିଅନ୍ତୁ’। ଚଳିତ ମାସରେ ଅପରେସନ ହେଲା। ମା ନିଜ ପେଟରୁ କାଟି ଦେଲା ଗୋଟିଏ କୀଡ୍‌ନି ଆଉ ପୁଅର ଦେହରେ ଲଗାଇ ଦେଲା। ସେହି ଦିନ ‘ପୁଅ’ ଶବ୍ଦର ଅର୍ଥ ବଦଳିଗଲା। ଏହା କେବଳ ସମ୍ବନ୍ଧ ନୁହେଁ, ଏହା ହେଲା ତ୍ୟାଗ। ଏହା ହେଲା ପ୍ରେମ। ଏହା ହେଲା ଜୀବନ। ଆଜି ସତ୍ୟପ୍ରକାଶ ଧୀରେ ଧୀରେ ସୁସ୍ଥ ହେଉଛି। ସେ କହୁଛି, ‘ମା ମୋତେ ଦ୍ୱିତୀୟ ଥର ଜନ୍ମ ଦେଲେ’। ସତରେ, ‘ପୁଅ’ ଶବ୍ଦର ବାଖ୍ୟା କଣ ? ‘ପୁଅ’ ହେଲା ସେହି ଜଣ, ଯାହା ପାଇଁ ମା ନିଜ ଯନ୍ତ୍ରଣା ଭୁଲି ଯାଏ। ‘ପୁଅ’ ହେଲା ସେଇ ଜଣେ , ଯାହା ପାଇଁ ମା ନିଜ ଶ୍ୱାସର ଅଧା ଅଂଶ ବି ଦେଇଦିଏ। ‘ପୁଅ’ ହେଲା ସେଇ ଜଣେ , ଯାହାର ହସ ପାଇଁ ମା ‘ସାରା ଦୁନିଆ ସହ ଲଢିପାରେ। ରଞ୍ଜୁଲତାଙ୍କ ଏହି ତ୍ୟାଗ ଆମକୁ ଶିଖାଏ – ମା’ ହେବାର ଅର୍ଥ ହେଲା ନିଃସ୍ୱାର୍ଥ ହେବା। ଆଉ ‘ପୁଅ’ ହେବାର ଅର୍ଥ ହେଲା ସେହି ତ୍ୟାଗକୁ ସାରା ଜୀବନ ମନେ ରଖିବା। ଏବେ ବି ସତ୍ୟପ୍ରକାଶଙ୍କ ଚିକିତ୍ସା ଚାଲିଛି। ଆସନ୍ତୁ ଆମେ ସମସ୍ତେ ମିଶି ଏହି ‘ପୁଅ’ କୁ ପୁଣି ଥରେ ସ୍କୁଲ ଓ ଖେଳ ପଡିଆକୁ ଫେରାଇ ଆଣିବା। କାରଣ କିଛି ମା’ ଥାଆନ୍ତି, ଯେଉଁମାନେ ‘ପୁଅ’ ଶବ୍ଦକୁ ନିଜ ରକ୍ତରେ ଲେଖନ୍ତି ।ଆଉ ମେଡିକାଲରେ ଜଗତସିଂହପୁର ସାଂସଦ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ଓ ସାଂସଦ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ତଥା ସବୁଜ ଶାଖା ଉପଦେଷ୍ଟା ଦିବାକର ଛାଟୋଇ ମେଡିକାଲ ପହଂଚି ମା ଓ ପୁଅର ସ୍ୱାସ୍ଥ୍ୟ ଅବସ୍ଥାରେ ସମ୍ପର୍କରେ ବୁଝିଥିଲେ।

## ରଥଯାତ୍ରା ପାଇଁ ପୁରୀକୁ ସ୍ୱତନ୍ତ୍ର ଟ୍ରେନ

**ପୁରୀ, ୧୪ ।୭ :** ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା-୨୦୨୬ ଅବସରରେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳ ପକ୍ଷରୁ ବଡ଼ ବ୍ୟବସ୍ଥା କରାଯାଇଛି । ଯାତ୍ରୀଙ୍କ ସୁବିଧା ପାଇଁ ୩୦୦ରୁ ଅଧିକ ସ୍ୱେଶାଲ ଟ୍ରେନ୍ ଚଳାଚଳ କରିବ । ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସହ ଅନ୍ୟ ଅଞ୍ଚଳର ଭକ୍ତମାନେ ଏହାଦ୍ୱାରା ସହଜରେ ପୁରୀ ପହଞ୍ଚିପାରିବେ । ଇଷ୍ଟ କୋଷ୍ଟ ରେଳବାଇ ସୂଚନା ଅନୁସାରେ, ଜଗଦଳପୁର-ପୁରୀ, ରାୟଗଡା-ପୁରୀ, ସମ୍ବଲପୁର-ପୁରୀ ଏବଂ ଶାଳିମାର-ପୁରୀ ରୁଟ୍‌ରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ।

**ଜଗଦଳପୁର-ପୁରୀ ସ୍ୱେଶାଲ ଟ୍ରେନ୍:** ଟ୍ରେନ୍ ନଂ ୦୮୫୫୩ ଜୁଲାଇ ୧୫ ଓ ୨୩ ତାରିଖ ସକାଳ ୬ଟାରେ ଜଗଦଳପୁରରୁ ଛାଡ଼ି ପରଦିନ ରାତି ୧:୪୦ରେ ପୁରୀ ପହଞ୍ଚିବ । ଫେରନ୍ତା ଟ୍ରେନ୍ ନଂ ୦୮୫୫୪ ଜୁଲାଇ ୧୬ ଓ ୨୪ ତାରିଖ ସନ୍ଧ୍ୟା ୭:୧୫ରେ ପୁରୀରୁ ଛାଡ଼ି ପରଦିନ ଦିନ ୧:୧୫ରେ ଜଗଦଳପୁର ପହଞ୍ଚିବ । ଏହି ଟ୍ରେନ୍ କୋରାପୁଟ, ଜୟପୁର, କୋଟପାଡ଼, ରାୟଗଡା, ଗୁଣୁପୁର, ପାରଳାଖେମୁଣ୍ଡି, ପାଲାସା ଓ ଖୋର୍ଦ୍ଧା ରୋଡ୍ ସମେତ ପ୍ରମୁଖ ଷ୍ଟେସନରେ ରହିବ।

**ଶାଳିମାର-ପୁରୀ ସ୍ୱେଶାଲ ଟ୍ରେନ୍:** ଟ୍ରେନ୍ ନଂ ୦୮୫୬୫/୦୮୫୬୬ ଜୁଲାଇ ୧୫ ଓ ୨୩ ତାରିଖ ସନ୍ଧ୍ୟା ୬ଟାରେ ଶାଳିମାରରୁ ଛାଡ଼ି ପରଦିନ ସକାଳ ୬ଟାରେ ପୁରୀ ପହଞ୍ଚିବ। ଫେରନ୍ତା ଟ୍ରେନ୍ ଜୁଲାଇ ୧୭ ଓ ୨୫ ତାରିଖ ରାତି ୧୨:୩୦ରେ ପୁରୀରୁ ଛାଡ଼ି ପରଦିନ ଦିନ ୧:୩୦ରେ ଶାଳିମାର ପହଞ୍ଚିବ। ଏହି ଟ୍ରେନ୍ ସନ୍ତରାଗାଛି, ମେଚେଦା, ଖଡ଼ଗପୁର, ବେଲଦା, ଦାନ୍ତନ, ଜଳେଶ୍ୱର, ବସ୍ତା, ରୂପସା, ବାଲେଶ୍ୱର ଓ ସୋର ଷ୍ଟେସନରେ ରହିବ ।ଏହାଛଡ଼ା ରାୟଗଡା-ପୁରୀ ଓ ସମ୍ବଲପୁର-ପୁରୀ ରୁଟ୍‌ରେ ମଧ୍ୟ ନିର୍ଦ୍ଧାରିତ ତାରିଖରେ ସ୍ୱେଶାଲ ଟ୍ରେନ୍ ଚଳାଚଳ କରିବ। ରଥଯାତ୍ରା ସମୟରେ ଦେଶର ବିଭିନ୍ନ ପ୍ରାନ୍ତରୁ କୋଟି କୋଟି ଭକ୍ତ ପୁରୀ ଆସୁଥିବାରୁ ଯାତ୍ରୀଙ୍କ ସୁବିଧା ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ରେଳବାଇ ଏହି ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା କରିଛି। ଏହାଦ୍ୱାରା ଭକ୍ତମାନଙ୍କ ପାଇଁ ପୁରୀ ଯାତ୍ରା ଅଧିକ ସୁବିଧାଜନକ ହେବ।

## କୁନି ହାତର କାରିଗରୀ

### ଅଦରକାରୀ ପେଟିରୁ ମହାପ୍ରଭୁଙ୍କ ତିନି ରଥ

- ଭକ୍ତି ଓ ଭାବରେ ୧୩ ବର୍ଷର ସାଇ ପ୍ରତୀକ
- ଦୀର୍ଘ ୫ବର୍ଷ ହେଲା ଗଢୁଛନ୍ତି ଆକର୍ଷଣୀୟ କୁନିରଥ

**କାକଟପୁର/ଅସ୍ତରଙ୍ଗ, ୧୪ ।୭ :** ଭକ୍ତି ଥିଲେ ସାମଗ୍ରୀ ନୁହେଁ, ଇଚ୍ଛାଶକ୍ତି ହିଁ ବଡ। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତ ନଇଗୁଆଁ ଗ୍ରାମର କୁନି ଶିଳ୍ପୀ ସାଇ ପ୍ରତୀକ ତ୍ରିପାଠୀ। ବୟସ ମାତ୍ର ୧୩ ବର୍ଷ। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଏହି କୁନି ବାଳକ ଦୀର୍ଘ ୫ ବର୍ଷ ହେଲା ମହାପ୍ରଭୁଙ୍କ ଭକ୍ତିରେ ବୁଡି ନିଜ ହାତରେ ତିଆରି କରୁଛନ୍ତି ଆକର୍ଷଣୀୟ ତିନି ରଥ। ବଡ଼ ଦାଣ୍ଡର ବିରାଟ ରଥ ନୁହେଁ, କୁନି ରଥରେ ହିଁ ବିରାଜିତ ହୋଇଛନ୍ତି ଚତୁର୍ଦ୍ଧାମୂରତି। ପିତା ସୁଶାନ୍ତ ତ୍ରିପାଠୀଙ୍କ ଏହି ପୁତ୍ର ଭକ୍ତି ଭାବ ଅତୁଳନୀୟ। ରଥଯାତ୍ରା ଦେଖିବାକୁ ପୁରୀ ଯାଇ ପାରୁ ନଥିବାରୁ ସେ ନିଜେ ଘରେ ବସି ରଥ ଗଢିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ସେହି ନିଷ୍ଠା ଆଜି କଳାରେ ପରିଣତ ହୋଇଛି। ସବୁଠୁ ବଡ କଥା ହେଲା, ସାଇ ପ୍ରତୀକ ଏହି ରଥ ଗଢିବା ପାଇଁ କୌଣସି ପ୍ରଶିକ୍ଷଣ ନେଇନାହାନ୍ତି । ଅଦରକାରୀ କାଗଜ ପେଟି, ରଙ୍ଗ, ତୁଳୀ ଓ ତାର କଳ୍ପନା ଶକ୍ତି ହିଁ ତାର ସମ୍ବଳ। ସେହି ସାମଗ୍ରୀରୁ ସେ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥର ଅବିକଳ ପ୍ରତିମୂର୍ତ୍ତି ଗଢିଛନ୍ତି । ପ୍ରତି ରଥର ଉଚ୍ଚତା ପ୍ରାୟ ୨ ଫୁଟ। ରଥରେ ସାରଥୀ, ଚକ, ଘୋଡା ଏବଂ ପତାକା ସବୁକିଛି ନିଖୁଣ ଭାବେ ତିଆରି। ରଙ୍ଗର ସ୍ପର୍ଶ ଓ ସୁକ୍ଷ୍ମ କାରୁକାର୍ଯ୍ୟ ଏହି କୁନି ରଥକୁ ଜୀବନ୍ତ କରିଦେଇଛି। ଦେଖିଲେ ମନେହୁଏ ଯେମିତି ସତରେ ମହାପ୍ରଭୁ ରଥରେ ବସି ଗୁଣ୍ଡିଚା ଯାତ୍ରା କରୁଛନ୍ତି। ପାଠ ପଢା ସାଙ୍ଗକୁ ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ସାଇ ପ୍ରତୀକ ଏହି କାମରେ ଲିପ୍ତ ହୋଇପଡେ। ତାର ଏହି ଅଦ୍ଭୁତ କଳାକୁ ଦେଖିବା ପାଇଁ ନଇଗୁଆଁ ସମେତ ଆଖପାଖ ଗାଁରୁ ଲୋକେ ଭିଡ ଜମାଉଛନ୍ତି। ସ୍ଥାନୀୟ ଲୋକେ କହୁଛନ୍ତି, ‘ଏତେ ଛୋଟ ବୟସରେ ଏତେ ସୁନ୍ଦର କାରିଗରୀ ସତରେ ବିସ୍ମୟକର’। କୁନି ଶିଳ୍ପୀ ସାଇ ପ୍ରତୀକ କହିଛନ୍ତି , ‘ମୁଁ ମହାପ୍ରଭୁଙ୍କ ବଡ ଭକ୍ତ। ତାଙ୍କ ପାଇଁ ରଥ କରିବାକୁ ମୋତେ ବହୁତ ଭଲ ଲାଗେ। ଆଗକୁ ଆହୁରି ବଡ ଓ ସୁନ୍ଦର ରଥ କରିବାର ଇଚ୍ଛା ଅଛି’ । ଅଦରକାରୀ ଜିନିଷକୁ ସଦୁପଯୋଗ କରି ଭକ୍ତିର ନିଦର୍ଶନ ସ୍ଥାପନ କରିଥିବା ଏହି କୁନି କଳାକାରର ପ୍ରତିଭା ସତରେ ପ୍ରଶଂସନୀୟ। ତାର ଏହି ପ୍ରୟାସ ଛୋଟ ପିଲାଙ୍କ ପାଇଁ ପ୍ରେରଣା ପାଲଟିଛି।

## ମର୍ଣ୍ଣିଂ ୱାକ୍‌ବେଳେ ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ

### ଗାଡ଼ି ଜବତ, ଚାଳକ ଗିରଫ

**ପିପିଲି, ୧୪ ।୭ :** ପୁରୀ ଜାତୀୟ ରାଜପଥର ନୂଆଶାସନ କଡିମଲ ଛକ ସ୍ଥିତ ଲକ୍ଷ୍ମୀ ନୃସିଂହ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମର୍ଣ୍ଣିଂୱାକ୍ କରୁଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଓଡି ସିଜେଡ୍ ୪୭୬୪ ନମ୍ବର ବିଶିଷ୍ଟ ଏକ ହାଇଡ୍ରା ଗାଡ଼ି ପୁରୀ ଅଭିମୁଖେ ଯାଉଥିବା ବେଳେ ଯୁବକ ଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଥିଲେ । ମୃତକ ହେଲେ ନୂଆଶାସନ ଗ୍ରାମ ଦକ୍ଷିଣ ସାହିର ସୁଶିଲ କୁମାର ଷଡ଼ଙ୍ଗୀ (୩୫)। ସେ ପ୍ରତିଦିନ ଭଳି ସକାଳ ପ୍ରାୟ ସାଢ଼େ ୫ଟାରେ ଜାତୀୟ ରାଜପଥ କଡ଼ରେ ମର୍ଣ୍ଣିଂ ୱାକ୍ କରୁଥିବା ବେଳେ ଏହି ହାଇଡ୍ରା ଗାଡ଼ି ତାଙ୍କୁ ଜୋରଦାର ଧକ୍କା ଦେଇ ଫେରାର ହୋଇଥିଲା। ଧକ୍କାରେ ସୁଶିଲ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ଭାବେ ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ଖବର ପାଇ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ଏସଆଇ ସୁରମା ସ୍ୱାଇଁ ଏବଂ ଏଏସଆଇ ସୁମନ୍ତ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆହତ ସୁଶିଲଙ୍କୁ ଆମ୍ବୁଲାନ୍ସ ଯୋଗେ ଉଦ୍ଧାର କରି ପିପିଲି ସରକାରୀ ମେଡିକାଲକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ ସୁନିଲ ଷଡ଼ଙ୍ଗୀ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପୋଲିସ ଥାନା କେସ ନମ୍ବର ୪୪୪/୨୬ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ସେପଟେ ପୋଲିସ ବିଭିନ୍ନ ସ୍ଥାନରେ ଲାଗି ଥିବା ସିସିଟିଭି ଆଧାରରେ ଦୁର୍ଘଟଣା ଘଟାଇ ଫେରାର ଥିବା ହାଇଡ୍ରା ଗାଡ଼ିକୁ ଚିହ୍ନଟ କରି ଜବତ କରିଥିବା ବେଳେ ଗାଡ଼ି ଚାଳକ ନିବାସ ଚନ୍ଦ୍ର ସାହୁ (୫୦) ଙ୍କୁ ଗିରଫ କରି ଆଜି ଅପରାହ୍ନ ରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି।

## ମଣ୍ଡଳସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ

**ନିମାପଡ଼ା, ୧୪ ।୭ :** ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁସ ଶାସନ ସ୍ଥିତ ମା’ ଦକ୍ଷିଣେଶ୍ୱରୀ ପୀଠରେ ପବିତ୍ର ନେତ୍ର ଉତ୍ସବ ଅବସରରେ ମା’ ନାରାୟଣୀ ସେବା ସଂଘର ଆନୁକୂଲ୍ୟରେ ଏକ ମଣ୍ଡଳସ୍ତରୀୟ ଓଡ଼ିଶୀ ସଂକୀର୍ତ୍ତନ ମହୋତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ।ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସାଇଁସ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ୨୧ଟି ସଂକୀର୍ତ୍ତନ ମଣ୍ଡଳୀର ୨୦୦ରୁ ଅଧିକ କଳାକାର ଓ ଭକ୍ତ ଅଂଶଗ୍ରହଣ କରିଥିଲେ। ହରିନାମ ସଂକୀର୍ତ୍ତନ ସହ ଭକ୍ତି ସଙ୍ଗୀତ ପରିବେଷଣ କରି ସେମାନେ ଓଡ଼ିଆ ସଂସ୍କୃତି, ଭକ୍ତିଭାବ ଓ ସନାତନ ଧର୍ମର ବାର୍ତ୍ତା ପ୍ରଚାର କରିଥିଲେ ।ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘ (ଓଡ଼ିଶା)ର ୪ନମ୍ବର ଶାଖା ଅଧୀନରେ ନିମାପଡ଼ା, ପିପିଲି, ବାଲିଅନ୍ତା, ପାଟଣା ସମେତ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଆକର୍ଷଣୀୟ ସଂକୀର୍ତ୍ତନ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସଂକୀର୍ତ୍ତନ ଗୁରୁ ନରେନ୍ଦ୍ର ପାଟଶାଣୀ, ଅନ୍ତର୍ଯ୍ୟାମୀ ପରିଡ଼ା, ବଂଶୀଧର ବରାଳ,ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ବେହେରା ଏବଂ ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମିଶ୍ର ପ୍ରମୁଖ ସୁଚାରୁ ଭାବେ ପରିଚାଳନା କରିଥିଲେ ।ଏହି ଅବସରରେ ନିମାପଡ଼ା ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ଅରୁଣ ମହାପାତ୍ର, ସାଧାରଣ ସମ୍ପାଦକ ଅଶୋକ ବେହେରା, ସହ-ସମ୍ପାଦକ ଅଜିତ ରଞ୍ଜନ ସାହୁ ଓ ଶିଶିର ସ୍ୱାଇଁ, ସଦସ୍ୟ କେଦାରନାଥ ସାହୁ,ସିଦ୍ଧାର୍ଥ ଶେଖର ଓ ବିଜୟ ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ଉଦ୍ଧାର ହେଲା ୫ ଫୁଟ ଲମ୍ବର ଅଜଗର ଛୁଆ

**କାକଟପୁର/ଅସ୍ତରଙ୍ଗ, ୧୪ ।୭ :** ସାଧାରଣତଃ ବଣ ଓ ପାହାଡ଼ ଅଞ୍ଚଳରେ ଦେଖିବାକୁ ମିଳୁଥିବା ଅଜଗର ସାପ ଏବେ ଗ୍ରାମାଞ୍ଚଳରେ ବି ଉଦ୍ଧାର ହେବାରେ ଲାଗିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ମଙ୍ଗଳବାର ସକାଳେ

### ମାଛଜାଲରେ ଫସିଥିଲା ବିରଳ ସରୀସୃପ

ନୟାହାଟ ନିକଟସ୍ଥ ବାହାରଣା ପଞ୍ଚାୟତର ବିସେଇ ଶାଇ ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ଗ୍ରାମର ସଞ୍ଜୟ ଭୋଇ ନାମକ ଜଣେ ଯୁବକ ବିଲରେ ମାଛ ଧରିବା ପାଇଁ ଜାଲ ପକାଇଥିଲେ। ସକାଳେ ଜାଲ ଆଣିବାକୁ ଯିବା ସମୟରେ ସେ ଦେଖିବାକୁ ପାଇଲେ ଜାଲ ଭିତରେ ଗୋଟିଏ ବଡ ସାପ ଫସି ରହିଛି ।ପ୍ରଥମେ ସେ ଭୟଭୀତ ହୋଇପଡିଥିଲେ। କିନ୍ତୁ ସାହସ କରି ଜାଲକୁ ପଦାକୁ ଆଣି ଦେଖିବା ପରେ ଜଣାପଡିଲା ଯେ ତାହା ଏକ ଅଜଗର ସାପ ଛୁଆ। ସାପଟିର ଲମ୍ବ ପ୍ରାୟ ୫ ଫୁଟ ଏବଂ ଗୋଲେଇ ପ୍ରାୟ ୧ ଫୁଟ ହେବ। ସାପଟିକୁ ଦେଖିବା ପାଇଁ ଖବର ମିଳିବା ମାତ୍ରେ ଆଖପାଖ ଗାଁରୁ ଶହ ଶହ ଲୋକ ସେଠାରେ ଭିଡ଼ ଜମାଇଥିଲେ। ଅନେକ ଲୋକ ମୋବାଇଲରେ ଫଟୋ ଓ ଭିଡିଓ ଉଠାଇଥିଲେ। ବଣ ଓ ପାହାଡ଼ ଛାଡି ଏବେ ଗ୍ରାମର ବିଲ ଓ ଜଳାଶୟ ଅଞ୍ଚଳରେ ଅଜଗର ସାପ ଆସିବା ଘଟଣାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଖବର ପାଇ ବନ ବିଭାଗକୁ ସୂଚନା ଦିଆଯାଇଛି। ବନ କର୍ମଚାରୀମାନେ ଆସି ସାପଟିକୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନରେ ଛାଡିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଜଣାପଡିଛି। ଜନସାଧାରଣ ମାନଙ୍କ ମତରେ, ବଣ ଜଙ୍ଗଲ କମିବା ଓ ଖାଦ୍ୟର ଅଭାବ ଯୋଗୁଁ ଏବେ ଏଭଳି ବନ୍ୟଜନ୍ତୁ ଗ୍ରାମ ଅଞ୍ଚଳକୁ ଆସୁଛନ୍ତି।

## ବଢୁଛି ଅପମିଶ୍ରିତ ଖାଦ୍ୟର ପସରା, ପ୍ରଶାସନ ନିରବ !

- ଅସ୍ତରଙ୍ଗ-କାକଟପୁର ବଜାରରେ ରଙ୍ଗମିଶା ଖାଦ୍ୟ
- ବିନା ଅବଧିରେ ବିକ୍ରିହେଉଛି ପାଉଁରୁଟି-ପାଣି ପ୍ୟାକେଟ

**କାକଟପୁର/ଅସ୍ତରଙ୍ଗ, ୧୪ ।୭ :** ରଙ୍ଗବେରଙ୍ଗ ମିଠା, ଚମକୁଥିବା ଷ୍ଟଲ, ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ଖାଦ୍ୟ ସାମଗ୍ରୀ। ବାହାରୁ ଦେଖିଲେ ସବୁ ଆକର୍ଷଣୀୟ। କିନ୍ତୁ ଭିତରେ ଲୁଚି ରହିଛି ବିପଦ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ଓ କାକଟପୁର ବ୍ଲକର ବଜାରରେ ଏବେ ଅପମିଶ୍ରିତ ଓ ଅସ୍ୱାସ୍ଥ୍ୟକର ଖାଦ୍ୟର ପସରା ବଢୁଛି। ଏହାକୁ ନେଇ ସାଧାରଣରେ ଉଦବେଗ ଦେଖାଦେଇଛି। ଅସ୍ତରଙ୍ଗ ମୁଖ୍ୟ ବଜାର, ନଗର, ଆଳସାହି, ଖଣ୍ଡାସାହି, ତାଳଦା, ପୋଟଳ ଛକ, କଣମଣ, କୁଣ୍ଡେଶ୍ୱର, ଉକୁଳେଇ ଏବଂ କାକଟପୁର ବ୍ଲକର କାକଟପୁର ମୁଖ୍ୟ ବଜାର, କଟକଣା, ଭଣ୍ଡାଘର, ଲତାହରଣ, ଅହୁଣିଆ ପାଟଣା, ରସୁଲପୁର, ପାଟସୁନ୍ଦରପୁର, ଓଥକା, କୁଣ୍ଡେଇ ଆଦି ଅଞ୍ଚଳରେ ଖୋଲାଖୋଲି ଭାବେ ବିକ୍ରି ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ। ସ୍ଥାନୀୟ ଅଞ୍ଚଳରେ ତିଆରି ହୋଇ ବିକ୍ରି ହେଉଥିବା ପାଉଁରୁଟି, ପାଣି ବୋତଲ, ପ୍ୟାକେଟ ଆଇସକ୍ରିମ ଆଦିର ପ୍ୟାକେଟରେ ନିର୍ମାଣ ତାରିଖ, ବ୍ୟବହାର ସମୟ ସୀମା ବା ଏକ୍ସପାୟରୀ ଡେଟ୍ କିଛି ଲେଖା ନାହିଁ। ଗ୍ରାହକ ଜାଣି ପାରୁନାହାନ୍ତି ଏହା କେବେ ତିଆରି ହୋଇଛି ଓ କେବେ ଖାଇବା ଅଯୋଗ୍ୟ ହେବ। ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଛୋଟ ବଡ ଜଳଖିଆ ଦୋକାନ ଓ ହୋଟେଲରେ ଚାଟ, ଜିଲାପି, ପକୁଡି, ପକୋଡା ଆଦି ଫାଷ୍ଟଫୁଡରେ ବହୁଳ ମାତ୍ରାରେ ରାସାୟନିକ ରଙ୍ଗ ମିଶାଯାଉଛି। ଏକା ପୋଡା ତେଲକୁ ବାରମ୍ବାର ଗରମ କରି ଖାଦ୍ୟ ଛଣା ଯାଉଛି। ଅନେକ ସ୍ଥାନରେ ବାସୀ ଖାଦ୍ୟ ଗ୍ରାହକଙ୍କୁ ପରଷା ଯାଉଥିବା ଅଭିଯୋଗ ହୋଇଛି । ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ହେଉଥିବା ଏହି ଖାଦ୍ୟବର୍ଷା ଦିନ ଥିବାରୁ ଡାଇରିଆ, ଖାଦ୍ୟ ବିଷକ୍ରିୟା ଓ ଅନ୍ୟାନ୍ୟ ରୋଗର କାରଣ ପାଲଟିଛି ।ଏତେ ସବୁ ଅନିୟମିତ ସତ୍ତ୍ୱେ ପ୍ରଶାସନିକ ଅଧିକାରୀଙ୍କ ନଜର ଏସବୁ ଉପରେ ପଡୁନାହିଁ। ବ୍ୟବସାୟୀମାନେ ମାତ୍ର ଲାଭ ପାଇଁ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅଭିଯୋଗ ହେଉଛି। ଖାଦ୍ୟରେ ରଙ୍ଗ ମିଶାଇବା, ପୋଡା ତେଲ ବ୍ୟବହାର ଓ ବାସୀ ଖାଦ୍ୟ ବିକ୍ରି ଏବେ ତାଙ୍କର ସ୍ୱଭାବ ପାଲଟି ଯାଇଛି। ସାଧାରଣରେ ଦାବୀ ହୋଇଛି, ଖାଦ୍ୟ ସୁରକ୍ଷା ଅଧିକାରୀମାନେ ତୁରନ୍ତ ବଜାରରେ ଚଢାଉ କରି ଖାଦ୍ୟ ନମୁନା ସଂଗ୍ରହ କରନ୍ତୁ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati